## ସଂକ୍ଷେପରେ

### ଯୋଗାଣ ବିଭାଗର ଚଢ଼ାଉ, ଧାନ ସହ ଗାଡ଼ି ଜବତ



କୋକସରା,୧୬।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କଳାହାଣ୍ଡି ଜିଲା ଯୋଗାଣ ବିଭାଗ ଏନଫୋର୍ସମେଣ୍ଟ ଟିମ୍ ଧର୍ମଗଡ଼ ଉପଖଣ୍ଡ ଜୟପାଟଣା, କୋକସରା ବ୍ଲକ ଦେଇ ବାହାର ରାଜ୍ୟ ଓ ଜିଲାକୁ ସଂଯୋଗ କରୁଥିବା ରାସ୍ତାରେ ତନାଘନା ଯାଞ୍ଚ ଜାରି ରଖିଛି। ଶୁକ୍ରବାର ମଧ୍ୟାହ୍ନରେ ୨୬ନଂ. ଜାତୀୟ ରାଜପଥ ମୋଟେର ନିକଟରେ ଚଢ଼ାଉ କରାଯାଇ ଚୋରା ଧାନ ବୋଝେଇ ଟ୍ରକକୁ ଜବତ କରାଯାଇଛି। ୧୦୪ କୁଇଣ୍ଟାଲ ଧାନ ମୋଟେର ଏମ୍‌ଆର ରାଇସ ମିଲରେ ଜିମା ଦିଆଯାଇଛି। ପରେ ରାତିରେ ପାଟ୍ରୋଲିଂ ସମୟରେ ଆମପାଣି ଥାନା ଚେକ ଗେଟ ନିକଟରେ ଯାଞ୍ଚ କରାଯାଇଥିଲା। କଳାହାଣ୍ଡି ଜିଲାରୁ ନବରଙ୍ଗପୁର ଜିଲାକୁ ଚୋରା ଚାଲାଣ ହେଉଥିବା ୪୦୭ ମିନି ଟ୍ରକ ନମ୍ବର ଓଡି ୨୪ଏଫ ୬୪୨୩କୁ ଅଟକ ରଖି କାଗଜପତ୍ର ଠିକ ନ ଥିବାରୁ ଯୋଗାଣ ବିଭାଗ ଅଧିକାରୀ ବଙ୍ଗୋମୁଣ୍ଡାସ୍ଥିତ ଜେ.କେ ଫୁଡ଼ସ ରାଇସ ମିଲର ଜିମା ଦେଇଥିଲେ। ଜବତ ଗାଡିରେ ୩୧.୦୪ କୁଇଣ୍ଟାଲ ଧାନ ରହିଥିବାବେଳେ ଗାଡି ସହ ଡ୍ରାଇଭରକୁ ଅଟକ ରଖାଯାଇଛି। ଶନିବାର କଳାହାଣ୍ଡି ଯୋଗାଣ ଅଧିକାରୀ ମନୋଜ ଦାସ, ଧର୍ମଗଡ଼ ବ୍ଲକ ଏମ୍‌ଆଇ ପ୍ରଶାନ୍ତ ଦାସ, ଜୟପାଟଣା ଏମ୍‌ଆଇ ପ୍ରିୟରଞ୍ଜନ ନାଏକ ଓ କୋକସରା ଏମଆଇ ଜଗାରାମ ମୁର୍ମୁ ଧାନ ଜବତ ଘଟଣାର ତଦନ୍ତ କରୁଛନ୍ତି। ଏଭଳି ଚଢ଼ାଉ ଜାରି ରହିବ ବୋଲି ଜିଲା ଯୋଗାଣ ଅଧିକାରୀ ଦାସ ସୂଚନା ଦେଇଛନ୍ତି। ଏନଫୋର୍ସମେଣ୍ଟ ଟିମର ଚଢ଼ାଉ ପରେ ଅସାଧୁ ଚୋରା ବ୍ୟବସାୟୀ ଓ ମିଲରଙ୍କ ମଧ୍ୟରେ ଛନକା ପଶିଛି।

# ୧୩ ବ୍ଲକ୍‌ରୁ ୬୩ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ

ଭବାନୀପାଟଣା,୧୬।୧୨(ଉତ୍ତମ କୁମାର ଦାଶ)




ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପନୀ ସମାରୋହରେ ଅତିଥିମାନେ କୃତୀ ପ୍ରତିଭାଙ୍କୁ ପୁରସ୍କୃତ କରୁଛନ୍ତି।

କଳାହାଣ୍ଡି ଜିଲା ଭବାନୀପାଟଣା ସହର ପୋଲିସ ହାଇସ୍କୁଲ ପରିସରରେ ଶୁକ୍ରବାରଠାରୁ ଚାଲିଥିବା ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଶନିବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ସମାରୋହରେ ମୁଖ୍ୟ ଅତିଥି ଭାବେ ଜିଲା ପରିଷଦ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସଚିନ ପାୱାର ପ୍ରକାଶ, ମୁଖ୍ୟବକ୍ତା ଏନ୍‌ଆରଡିସି ଆଞ୍ଚଳିକ ମୁଖ୍ୟ ଡ. ବିଜୟ ସାହୁ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଟେମଲାଲ ଦୁବେ, ଆୟୋଜକ ସମ୍ପାଦକ ଜୟରାମ ସାହୁ, ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ ପ୍ରମୁଖ ଯୋଗଦେଇ ଥିଲେ। ଶଗଡ଼ା ହାଇସ୍କୁଲର ପ୍ରଧାନ ଶିକ୍ଷକ ସୁକାନ୍ତ ସାହୁ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ବିଜ୍ଞାନ ପର୍ଯ୍ୟବେକ୍ଷକ ଦୁଷ୍ମନ୍ତ ପାଢ଼ୀ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ଶ୍ରୁତି ସିଲଭା ପଣ୍ଡା ଓ ବର୍ଷାରାଣୀ ତ୍ରିପାଠୀ ମଞ୍ଚ ପରିଚାଳନା କରିଥିଲେ। ୨ଦିନ ଧରି ଆୟୋଜିତ ଏହି ପ୍ରଦର୍ଶନୀରେ ସମଗ୍ର ୧୩ଟି

**ଜିଲାସ୍ତରୀୟ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ ଉଦ୍‌ଯାପିତ**

ବ୍ଲକରୁ ମନୋନୀତ ୬୩ଟି ବିଜ୍ଞାନ ପ୍ରକଳ୍ପ ବାଲ ବୈଜ୍ଞାନିକମାନଙ୍କ ଦ୍ୱାରା ପ୍ରଦର୍ଶିତ ହୋଇଥିଲା। ବିଚାରକ ଭାବେ ଅଧ୍ୟାପକ ତ୍ରିନାଥ ବିଷୋୟୀ, ଭି. ସୁରେନ୍ଦ୍ରନାଥ ରାଓ, ଅଟଳବିହାରୀ ନାୟକ, ରୁଦ୍ରମାଧବ ନାଗ ପ୍ରମୁଖ ଯୋଗ ଦେଇଥିଲେ। ବରିଷ୍ଠ ବିଭାଗରେ ଓଏଭି ନର୍ଲାର ସ୍ୱୟଂ ସ୍ୱାଗତ କର, ନୁନମାଠ ହାଇସ୍କୁଲର ସୋନାଲି ଭୋଇ, ଇନ୍ଦ୍ରାବତୀ ହାଇସ୍କୁଲ ଡଙ୍ଗରିଗୁଡାର ଲିମ୍ବାରାଣୀ ରୋଟି ଓ କନିଷ୍ଠ ବିଭାଗରେ ରିସିଡା ହାଇସ୍କୁଲର ଆଦିତ୍ୟ ରଣା, ଓଏଭି ଗୋଲାମୁଣ୍ଡାର ଅଙ୍କିତ ନାଏକ ପ୍ରମୁଖ ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଥିଲେ। ଏହି ଅବସରରେ ପୋଲିସ ହାଇସ୍କୁଲ ପ୍ରଧାନ ଶିକ୍ଷକ ଜୟରାମ ସାହୁ, କେନ୍ଦ୍ର ସାହିତ୍ୟ ଏକାଡେମୀ ଯୁବ ପୁରସ୍କାର ମନୋନୀତ ଗାଳ୍ପିକ ତଥା ଶିକ୍ଷକ ଡିଲେଶ୍ୱର ରଣା, ବୈଜ୍ଞାନିକ ଡ. ବିଜୟ କୁମାର ସାହୁ, ଗାଇଡ ଶିକ୍ଷକ ରବୀନ୍ଦ୍ର ପଟ୍ଟନାୟକ, ବୀରେନ୍ଦ୍ର କୁମାର ଆଚାର୍ଯ୍ୟ, ଜଗଦୀଶ ପଧାନ, କ୍ଷିରୋଦ୍ରି ସା, ଜସବିର କୁମାର, ଛାତ୍ର ସୌମ୍ୟରଞ୍ଜନ ସିଂ, ଘନଶ୍ୟାମ ଡାକୁଆ, ଜ୍ୟୋତିରଞ୍ଜନ ମହାକୁଡ଼, ଛାତ୍ରୀ ଖୁସବୁ ସାହୁ, ନନ୍ଦିନୀ ବେନାଲ, ସ୍ୱାତୀ ମହାକୁଡ଼ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଦର୍ଶନୀର ମୁଖ୍ୟ ଆକର୍ଷଣ ସାଜିଥିଲା ପ୍ରକୃତି ବନ୍ଧୁ ରବୀନ୍ଦ୍ର ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତ ଲୋକଖେଳ ଓ ବିଜ୍ଞାନ ଆଧାରିତ ବାଲୁକା କଳା। ନିଆଁ ପ୍ରତିରକ୍ଷା ପାଇଁ ଭବାନୀପାଟଣା ଅଗ୍ନିଶମ ବିଭାଗ ପକ୍ଷରୁ ଏକ ସଚେତନାତ୍ମକ ପ୍ରଦର୍ଶନ ହୋଇଥିଲା। ଏଥିରେ ପ୍ରଦର୍ଶନୀ କମିଟିର ସମସ୍ତ ସଦସ୍ୟ ତଥା ପୋଲିସ ହାଇସ୍କୁଲର ସମସ୍ତ ଶିକ୍ଷକ ସହଯୋଗ କରିଥିଲେ।

# ଭାଜପାର ବିକ୍ଷୋଭ, ଦାବିପତ୍ର

କୋକସରା,୧୬।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ଓଡ଼ିଶା ବିଜେଡି ସରକାରଙ୍କ ଦୁର୍ନୀତି, କୃଷକମାରଣ ନୀତି, ବେରୋଜଗାରୀ, ବିଦ୍ୟୁତ୍ ଦର ନିୟନ୍ତ୍ରଣରେ ବିଫଳତା ସହ ଟାଟା ପାୱାର କମ୍ପାନୀକୁ ଅନୁକମ୍ପା, ବିପର୍ଯ୍ୟସ୍ତ ଗମନାଗମନ, ଶିକ୍ଷା ଓ ସ୍ୱାସ୍ଥ୍ୟସେବା, ଆବାସ ଯୋଜନାରେ ଅନିୟମିତତା ଭଳି ଅଭିଯୋଗ ହୋଇଛି। ଏନେଇ କଳାହାଣ୍ଡି ଜିଲା କୋକସରା ବ୍ଲକ ମୋଟେର ମଣ୍ଡଳ ଭାଜପା ପକ୍ଷରୁ ଡ଼ହଗାଁ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ଓ ପ୍ରତିବାଦ କରାଯାଇଛି। ମୋଟେର ମଣ୍ଡଳ ସଭାପତି ସ୍ୱୟମ୍ବର ବାଗଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ଜିଲା ଯୁବ ମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ମହେଶ୍ୱର ସାହୁ, ବରିଷ୍ଠ ଭାଜପା ନେତା ଜନାର୍ଦ୍ଦନ ପଣ୍ଡା, ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ମେକ ଇନ ଇଣ୍ଡିଆ ପ୍ରଭାରୀ ହିମାଂଶୁ ପଣ୍ଡା, ମନୋଜ କୁମାର ମେହେର, ଭାଜପା ରାଜ୍ୟ ନେତ୍ରୀ କୁନ୍ତି ପାଲ, ପୂର୍ବତନ ଜିଲା ପରିଷଦ ଅମୋଜ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ରହି ରାଜ୍ୟ ସରକାରଙ୍କ ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ମଞ୍ଚ ପରିଚାଳନା ଯୁବନେତା ସୁଜିତ ସିଂ ରାଜପୁତ କରିଥିଲେ। ଡ଼ହଗାଁ ଆରଆଇଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରିଥିଲେ। ପରେ ଜିଲା ଭାଜପା ସଭାପତିଙ୍କ ସମେତ ଅନ୍ୟ ନେତୃବୃନ୍ଦ ଡ଼ହଗାଁ ଧାନ ମଣ୍ଡି ପରିଦର୍ଶନ କରି ସ୍ଥାନୀୟ ଚାଷୀଙ୍କ ସହ ଆଲୋଚନା କରିଥିଲେ। ଚାଷୀମାନେ କୁଇଣ୍ଟାଲ ପିଛା ୫ କେଜି କଟନୀ କରାଯାଉଥିବା ଅଭିଯୋଗ କରିବା ସହ ମଣ୍ଡିରେ ଚାଷୀଙ୍କ ପାଇଁ ସେଡ୍ ଓ ଅନ୍ୟାନ୍ୟ ବ୍ୟବସ୍ଥା କରିବାକୁ ଦାବି କରିଥିଲେ।



ଭାଜପା କର୍ମକର୍ତ୍ତା ଦାବିପତ୍ର ପ୍ରଦାନ କରୁଛନ୍ତି।

# ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟରେ ବାଲ୍ ବୈଜ୍ଞାନିକ ପ୍ରଦର୍ଶନୀ




ମୁଖ୍ୟ ଅତିଥି କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରୁଛନ୍ତି।

ନୂଆପଡା,୧୬।୧୨ (ମକାରୁ ବେମାଲ)

ସ୍ଥାନୀୟ ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟଠାରେ ଶୁକ୍ରବାର ଜିଲାସ୍ତରୀୟ ବାଲ ବୈଜ୍ଞାନିକ ପ୍ରଦର୍ଶନୀ ୨୦୨୩ ଅନୁଷ୍ଠିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ କରୁଣାକର ଭୂଏଁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର ମୁଖ୍ୟ ଅତିଥି,ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଶୁଭ୍ରାଂଶୁ ଶେଖର ମିଶ୍ର, ଜିଲା ବିଜ୍ଞାନ ନିରୀକ୍ଷକ ଗିରିଧାରି ସା, ନ୍ୟାଶନାଲ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଗୋଲାପ ଚନ୍ଦ୍ର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଏହି ବାଲ୍ ବୈଜ୍ଞାନିକ କାର୍ଯ୍ୟକ୍ରମରେ ୫ଟି ବ୍ଲକରୁ ୫୦ଟି ପ୍ରକଳ୍ପ ସ୍ଥାନିତ ହୋଇଥିଲା। ଏସ୍‌ଏସଡି ଉଚ୍ଚ ବିଦ୍ୟାଳୟ ଧରମବନ୍ଧା ସୁରେଶର ଦାସ ପ୍ରକଳ୍ପ ବିଚାରକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ । ସେଥିମଧ୍ୟରୁ ୫ଟି ପ୍ରକଳ୍ପକୁ ଶ୍ରେଷ୍ଠ ପ୍ରକଳ୍ପ ଭାବରେ ଚୟନ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ନୂଆପଡା ଉପଜିଲାପାଳ ସୁବାଷ ଚନ୍ଦ୍ର ରଣତ ମୁଖ୍ୟ ଅତିଥି, ଚନ୍ଦ୍ରଶେଖର ଚନ୍ଦ୍ରକାର ମୁଖ୍ୟବକ୍ତା ଭାବରେ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ କ୍ରୀଡା ସମ୍ବନ୍ଧରେ ଆଲୋକପାତ କରିଥିଲେ। ପ୍ରଦର୍ଶିତ ୫୦ପ୍ରକଳ୍ପ ମଧ୍ୟରୁ ୫ଟି ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବା ପାଇଁ ମନୋନୀତ ହୋଇଛନ୍ତି। ନିଳଜି ଉଚ୍ଚ ବିଦ୍ୟାଳୟ, ସୁନାପୁର, ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖଡିଆଳ, ବଡଦେଉଳ ଉପ୍ରଉଚ୍ଚବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ନେଗିପାଲି ଆସନ୍ତା ୨୦ରେ ମୟୁରଭଞ୍ଜଠାରେ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରଦର୍ଶନୀରେ ଭାଗ ନେବେ। ସୁଶାନ୍ତ କୁମାର ଯୋଶୀ, ଫାଲଗୁନି ସାହୁ ମଞ୍ଚ ପରିଚାଳନା କରିଥିବା ବେଳେ ରାଧେଶ୍ୟାମ ସାହା, ପ୍ରଦୀପ ଭୋଇ, ଖୁଲେଶ୍ୱର ସାହୁ, ସନ୍ତୋଷ ପାଣ୍ଡେ, ଚନ୍ଦ୍ର କୁମାର ସାହୁ ପ୍ରମୁଖ ସହଯୋଗ କରିଥିବା ବେଳେ ଶଙ୍କର୍ଷଣ ପୁରୋହିତ ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭାପତିଙ୍କ ମଣ୍ଡି ପରିଦର୍ଶନ

ନୂଆପଡ଼ା/ଖଡ଼ିଆଳ,୧୬।୧୨(ମକାରୁ ବେମାଲ/ସୁଜିତ କୁମାର ପ୍ରଧାନ)

ନୂଆପଡା ଜିଲା ଦିନିକିଆ ଗସ୍ତରେ ଭାଜପା କୃଷକ ମୋର୍ଚ୍ଚା ରାଜ୍ୟ ସଭାପତି ମହେଶ୍ୱର ସାହୁ ଶନିବାର ଆସି ଜିଲାର ସମସ୍ୟା ଉପରେ ବୁଝିବା ସହ ବିଭିନ୍ନ ମଣ୍ଡି ବୁଲିବା ଦେଖିଥିଲେ । ନୂଆପଡ଼ା ଭାଜପା ଜିଲା କାର୍ଯ୍ୟାଳୟରେ ଏକ ଖବରଦାତା ସମ୍ମିଳନୀ କରିରାଜ୍ୟ ସରକାରଙ୍କ ଉପରେ ବର୍ଷିଥିଲେ। ଏହି ଖବରଦାତା ସମ୍ମିଳନୀରେ କଳାହାଣ୍ଡି ଏମପି ବସନ୍ତ କୁମାର ପଣ୍ଡା,ଜିଲା ସଭାପତି ସୁବ୍ରତ ଠାକୁର, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ କୁମାର ପାଢୀ, ଯଦୁମଣି ପାଣିଗ୍ରାହୀ, ଜିଲା କୃଷକ ମୋର୍ଚ୍ଚା ସଭାପତି ଗୋବର୍ଦ୍ଧନ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ସାହୁ ଜିଲାର ବିଭିନ୍ନ ଧାନ ମଣ୍ଡି ବୁଲି ଦେଖିଛନ୍ତି। ସରକାରୀ ନିୟମ ଅନୁସାରେ ସବୁ ପ୍ରକାର ବ୍ୟବସ୍ଥା କରାଯାଇଛି କି ନାହିଁ ସେ ବୁଝିବା ସହିତ ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ମଣ୍ଡି ସବୁରେ ଅବ୍ୟବସ୍ଥା ରହିଥିବା ସେ ଅଭିଯୋଗ କରିଥିଲେ। ଚାରି କିଲୋଗ୍ରାମ ପର୍ଯ୍ୟନ୍ତ କଟନୀ ଛଟନୀ କରାଯାଉଥିବା, ଖୋଲା ଆକାଶ ତଳେ ଧାନ ବସ୍ତା ରଖାଯାଇଥିବା, ଚାଷୀଙ୍କ ପାଇଁ ରହଣୀ ଓ ପାନୀୟ ଜଳର ବ୍ୟବସ୍ଥା କରା ଯାଇ ନ ଥିବା ସେ ଅଭିଯୋଗ କରିବା ସହିତ ମିଲର୍ସ ରାଜ ଚାଲିଥିବା କହିଥିଲେ। ଏନେଇ ଭାଜପା କୃଷକ ମୋର୍ଚ୍ଚା ତରଫରୁ ଚାଷୀମାନଙ୍କ ପାଇଁ ଲଢେଇ ଚାଲିଛି ଓ ଏହା ଜାରି ରହିବ ବୋଲି କହିଥିଲେ। ଖଡ଼ିଆଳ ବ୍ଲକର ଡୁକଲା, ଡୁଆଝର, ନେହେନା, ସିନାପାଲି ବ୍ଲକର ଗଣ୍ଡା ବାହେଲି ଆଦି ମଣ୍ଡି ସେ ବୁଲିଥିଲେ। ଚାଷୀମାନେ ମଧ୍ୟ ଶୋଷଣର ଶିକାର ହେଉଥିବା ତାଙ୍କୁ ଜଣାଇଥିଲେ। ରାଜ୍ୟ ଭାଜପା କୃଷକ ମୋର୍ଚ୍ଚା ସଭ୍ୟ ଦେବ ଦେବ ସିଂ ଦେଓଙ୍କ ସମେତ ଅନ୍ୟାନ୍ୟ କର୍ମକର୍ତ୍ତା ତାଙ୍କ ସହିତ ମଣ୍ଡି ବୁଲିଥିଲେ।

## ୬ଦଫା ଦାବି ନେଇ ଆର୍‌ଆଇ ଅଫିସ ଘେରିଲା ଭାଜପା

ଜୁନାଗଡ,୧୬।୧୨(ସୁନୀଲ କୁମାର ସିଂହ)

ଜୁନାଗଡ ବ୍ଲକ ଭାଜପା ପକ୍ଷରୁ ୬ଦଫା ଦାବି ନେଇ ଶନିବାର ମହିଚଲା ଆରଆଇ ଅଫିସ ଘେରାଉ କରାଯାଇଥିଲା। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବିଜେଡି କର୍ମୀଙ୍କୁ ପ୍ରାଧାନ୍ୟ ଦିଆ ନ ଯାଇ ପ୍ରକୃତ ହିତାଧିକାରୀଙ୍କୁ ପ୍ରଦାନ କରିବା, ଅଦିନିଆ ବର୍ଷା ଯୋଗୁ ଚାଷୀଙ୍କ ଧାନ ଫସଲ ନଷ୍ଟ ହୋଇଥିବାରୁ ସେମାନଙ୍କୁ କ୍ଷତିପୂରଣ, ମଣ୍ଡିରେ ଧାନ ଶିଘ୍ର ଉଠାଣ ଓ କଟନ୍ ଛଟନି ବନ୍ଦ, କେନ୍ଦ୍ରୀୟ ଯୋଜନାରୁ ବଞ୍ଚିତ ହିତାଧିକାରୀଙ୍କୁ ଯୋଜନାରେ ସାମିଲ କରିବା ଆଦି ଦାବି କରାଯାଇଛି। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ଥାନୀୟ ଆରଆଇଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଭାଜପା ନେତା ଅଜୟ ପାଣିଗ୍ରାହୀ, କାଳୀପ୍ରସାଦ ରାୟଗୁରୁ, ସତ୍ୟରଞ୍ଜନ ବେହେରା, ବବ୍ରୁବାହାନ ମୁଣ୍ଡ, କାଳିନ୍ଦ୍ରୀ ପାଣିଗ୍ରାହୀ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ଟଙ୍କଧର ନାଏକ ପ୍ରମୁଖଙ୍କ ଉପସ୍ଥିତ ଥିଲେ।

## ଦ୍ରୋଣାଚାର୍ଯ୍ୟ ସ୍କୁଲର ବାର୍ଷିକ କ୍ରୀଡ଼ା ଉପଲକ୍ଷେ ଗଣଦୌଡ଼, ମଶାଲ ଯାତ୍ରା

କେସିଙ୍ଗା,୧୬।୧୨(ତୁମେଶ୍ୱର ସାହୁ)

କଳାହାଣ୍ଡି ଜିଲା କେସିଙ୍ଗା ବ୍ଲକ ସ୍ଥିତ ଦ୍ରୋଣାଚାର୍ଯ୍ୟ ସ୍କୁଲର ବାର୍ଷିକ କ୍ରୀଡ଼ା ଉତ୍ସବ ଉପଲକ୍ଷେ ଶନିବାର ଗଣଦୌଡ଼, ମଶାଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଅର୍ଚ୍ଚନା ଅଗ୍ରୱାଲଙ୍କ ନେତୃତ୍ୱରେ କେସିଙ୍ଗା ସହରର ଗୌରୀଶଙ୍କର ମନ୍ଦିରଠାରୁ ସ୍କୁଲ ଯାଏ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀଶିକ୍ଷକଙ୍କ ମିଳିତ ଉଦ୍ୟମରେ ଦୌଡ଼ ହୋଇଥିଲା। ଏହି ଉପଲକ୍ଷେ ସ୍କୁଲର ୭ଶହ ଛାତ୍ରୀଛାତ୍ର ଅଂଶଗ୍ରହଣ କରି କବାଡ଼ି, ଖୋଖୋ, ଭଲିବଲ, ଲଙ୍ଗ ଜମ୍ପ, ହାଇ ଜମ୍ପ ଇତ୍ୟାଦି ଖେଳ ପ୍ରତିଯୋଗିତାରେ ଭାଗ ନେଇଥିଲେ। କ୍ରୀଡ଼ା ଉତ୍ସବକୁ କେସିଙ୍ଗା ଆଇଆଇସି ପ୍ରଦ୍ୟୁମ୍ନ ମହାପାତ୍ର, ବୋରିଆ ସରପଞ୍ଚ ରିମା ନାୟକ ଉଦ୍‌ଘାଟନ କରିଥିଲେ। ଏହି କ୍ରୀଡା ପ୍ରତିଯୋଗିତା ୨୧ ତାରିଖ ଯାଏ ଚାଲିବ ବୋଲି ଅଧ୍ୟକ୍ଷା ଅର୍ଚ୍ଚନା ଅଗ୍ରୱାଲ ସୂଚନା ଦେଇଛନ୍ତି।

# ଆକ୍ରମଣ ମାମଲା: ଅଭିଯୁକ୍ତ ବାପାଙ୍କୁ ୩ ବର୍ଷ କାରାଦଣ୍ଡ

ବଲାଙ୍ଗୀର,୧୬।୧୨(ବୀରେନ୍ଦ୍ର କୁମାର ଝାଙ୍କର)

**ପୁଅ ନିର୍ଦ୍ଦୋଷରେ ଖଲାସ**

ବଲାଙ୍ଗୀର ସଦର ଥାନା ଅନ୍ତର୍ଗତ ଖୁଜେନପାଲି ଗ୍ରାମର ଅବିନାଶ ଗହୀରଙ୍କୁ ବିଜୟ ବନ୍‌ଛୋର ଏବଂ ତାଙ୍କ ବଡପୁଅ ଅଶୋକ ବନ୍‌ଛୋର ଆକ୍ରମଣ କରିଥିବା ନେଇ ୨୦୨୦ ମସିହାରେ ଏକ ମାମଲା ରୁଜୁ ହୋଇଥିଲା। ଏହି ମକଦ୍ଦମାର ବିଚାର କରି ବଲାଙ୍ଗୀର ମୁଖ୍ୟ ବିଚାର ବିଭାଗୀୟ ବିଚାରପତି ସେସନ୍ ମାମଲାର ଶୁଣାଣି କରିଛନ୍ତି। ସାକ୍ଷ୍ୟମାନଙ୍କ ପ୍ରମାଣକୁ ଭିତ୍ତି କରି ଅଭିଯୁକ୍ତ ବିଜୟ ବନଛୋରଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ଭାରତୀୟ ଦଣ୍ଡ ସଂହିତା ଅପରାଧ ୩୦୭ ଧାରାରେ ୩ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଜରିମାନା ଅନାଦାୟ ଅଧିକ ତିନି ମାସ ସଶ୍ରମ କାରାଦଣ୍ଡ ଭୋଗିବେ ବୋଲି ରାୟରେ ପ୍ରକାଶ କରିଛନ୍ତି। ଅଭିଯୁକ୍ତ ବଡପୁଅ ଅଶୋକ ବନଛୋରକୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଶରେ ଖଲାସ ନିର୍ଦ୍ଦେଶ ଦେଇଛନ୍ତି। ଏହି ମାମଲାକୁ ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ଓଁକାର ନାୟକ ସରକାରଙ୍କ ପକ୍ଷରୁ ମକଦ୍ଦମା ପରିଚାଳନା କରିଥିଲେ।

## କର୍ଲାମୁଣ୍ଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟ: ତୁଲାପଡ଼ା ଚାମ୍ପିୟନ

କର୍ଲାମୁଣ୍ଡା,୧୬।୧୨(ପ୍ରଦୀପ କୁମାର ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ପୁଟିଗାଁସ୍ଥିତ ଟିନାବାଡ଼ି ପଡିଆଠାରେ କର୍ଲାମୁଣ୍ଡା ଫୁଟବଲ ଟିମ ପକ୍ଷରୁ ଚତୁର୍ଥ କର୍ଲାମୁଣ୍ଡା କପ ଫୁଟବଲ ଟୁର୍ନାମେଣ୍ଟର ଶନିବାର ଫାଇନାଲ ମ୍ୟାଚ ତୁଲାପଡା ଓ ବୌଦ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ତୁଲାପଡା ଦଳ ୪/୦ବିଜୟୀ ହୋଇ ଚାମ୍ପିୟନ ହୋଇଥିଲା। ଏହି ଅବସରରେ ଆୟୋଜିତ ପୁରସ୍କାର ବିତରଣ ସଭାରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ସମାଜସେବୀ ମଧୁସୂଦନ ମହାନ୍ତି, ସମ୍ମାନିତ ଅତିଥି ତିଳକରାଜ ମହାନ୍ତି, ଫୁଟବଲ ଟୁର୍ନାମେଣ୍ଟର ସଭାପତି ଡୋଲାମଣୀ ଭୋଇ, ସମ୍ପାଦକ ଦୁର୍ଲ୍ଲଭ ମେହେର ପ୍ରମୁଖ ଅତିଥି ଭାବେ ଯୋଗଦେଇ ବିଜୟୀ ଦଳକୁ ନଗଦ ରାଶି ସହ ଟ୍ରଫି ଓ ଉପ ବିଜେତା ଦଳକୁ ମଧ୍ୟ ନଗଦ ରାଶି ପ୍ରଦାନ କରିଥିଲେ। ରେଫରି ଭାବେ ନବୀନ କୁମାର ନାଏକ, ଚଞ୍ଚଳ ମାଝି, ବିଶେଶ୍ୱର ପଧାନ ଖେଳ ପରିଚାଳନା କରିଥିଲେ। ଧାରାବିବରଣୀ ଭାରତ ଭୂଷଣ ପ୍ରଦାନ କରିଥିଲେ। ଫୁଟବଲ ଟିମ୍ ସଦସ୍ୟ ନୀଳମାଧବ ଭୋଇ, ବିରେନ ସାହୁ, ଅନିଲସାହୁ, ମୁକେଶ କୁମାର ସାହୁ, ସଲଟି ବଗର୍ତ୍ତି, ବବଲୁ ସାହୁ, ଜିତ ସାହୁ, ବିପିନ ସାହୁ, ମଣି ମେହେର, ନମିତ ସୁନା, ରାଜା ସାହୁ, ତପନ ଛତ୍ରିଆ, ଅଭିଷେକ ସାହୁ, ଟୁନା ସାହୁ ପ୍ରମୁଖ ସହଯୋଗ କରିଥିଲେ।




କର୍ଲାମୁଣ୍ଡା କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟରେ ଅତିଥିଙ୍କ ସହ ଖେଳାଳି।

## ୧୦୪ ପ୍ରହର ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ

କୋକସରା,୧୬।୧୨(ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

କୋକସରା ବ୍ଲକ ରେଙ୍ଗାଳପାଲି ପଞ୍ଚାୟତ ଡଙ୍ଗରିଗୁଡା ଖେଳ ପଡ଼ିଆରେ ଆସନ୍ତା ଫେବୃୟାରୀରେ ୧୦୪ ପ୍ରହର ନାମଯଜ୍ଞ ଅନୁଷ୍ଠିତ ହେବ। ଗୁରୁବାର ଶ୍ରୀଶ୍ରୀଶ୍ରୀ ନିତାଇ ଚୈତନ୍ୟ ସଂକୀର୍ତ୍ତନ କଳାକାର ସଂଘ କୋକସରା ବ୍ଲକ ସଭାପତି ସୁଶୀଳ କୁମାର ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବର ମୁଖ୍ୟ ପୁରୋଧା ଭାବେ କଳାହାଣ୍ଡି ରାଜ ପରିବାରର ଯୁବରାଜ ଅର୍କକେଶରୀ ଦେଓ, ସ୍ତ୍ରୀ ମାଳବିକା ଦେଓ ଭୂମିପୂଜନ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଭାଜପା ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟ୍ଟଯୋଷୀ, ବିଧାୟକ ପ୍ରତିନିଧି ମାନସ ରଞ୍ଜନ ବାଗ, ସମାଜସେବୀ କେତନ ପାତ୍ର ଉପସ୍ଥିତ ରହିଥିଲେ। ପୂଜାକର୍ତ୍ତା ଭାବେ କୃତ୍ତିବାସ ଶବର ଓ ତୁଳସା ଶବର ସସ୍ତ୍ରୀକ ପୂଜାର୍ଚ୍ଚନା କରିବା ପରେ ରୀତିନୀତି ଅନୁସାରେ ନାମଯଜ୍ଞ ପାଇଁ ଶୁଭଖମ୍ବ ସ୍ଥାପନ କରିଥିଲେ। ସଂକୀର୍ତ୍ତନ କଳାକାର ସଂଘର ସମ୍ପାଦକ ବିଜୟ କୁମାର ପଣ୍ଡା, କୋଷାଧ୍ୟକ୍ଷ ଗଜେନ୍ଦ୍ର ନାଗ, ଦିଲୀପ ଶବର, ସୁରେଶ ହଂସ, ସୁଦର୍ଶନ ବେହେରା, ଲକ୍ଷ୍ମୀ ନାରାୟଣ ପଣ୍ଡା, କ୍ଷୀରୋଦ ବେହେରା, ଅରୁଣ ଗୋୟଲ, ରବି ନାରାୟଣ ଦାସ ଉପସ୍ଥିତ ଥିଲେ।

## ୭୪ତମ ମକରମେଳାର ପ୍ରସ୍ତୁତି ବୈଠକ

ପଲମ/କର୍ଲାମୁଣ୍ଡା, ୧୬।୧୨ (ଭିକାରି ଗଉଡ/ପ୍ରଦୀପ ସାହୁ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ଅଧିନସ୍ଥ ଯୋରାଡବରା ପଞ୍ଚାୟତ କୁର୍ଶୁର୍ଲାସ୍ଥିତ ଶ୍ରୀଶ୍ରୀ ନୀଳକଣ୍ଠେଶ୍ୱର ମନ୍ଦିର ପ୍ରାଙ୍ଗଣରେ ୪୫ଖଣ୍ଡ ଗ୍ରାମର ଭକ୍ତମାନଙ୍କୁ ନେଇ ୭୪ତମ ମକରମେଳାର ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମକର ମେଳା କମିଟିର ସ୍ଥାୟୀ ସଭାପତି ଜଗତରାମ ଭୋଇ ସଭାପତିତ୍ୱ କରିଥିଲେ। ଉକ୍ତ ବୈଠକରେ କମିଟିର ସମ୍ପାଦକ ସୁଶାନ୍ତ ଜାନୀ ପୂର୍ବ ବୈଠକର ବିବରଣୀ ପାଠ, ୨୦୨୩ବର୍ଷର ଆୟବ୍ୟୟ ହିସାବ ପରେ ୨୦୨୪ରେ ହେବାକୁ ଯାଉଥିବା ମକରମେଳାର ବିଭିନ୍ନ ପ୍ରକାର ଆଲୋଚନା ଉପସ୍ଥାପନା କରିଥିଲେ। ସଭାରେ କମିଟିର ଉପସଭାପତି ହିରାମଣି ସାହୁ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ସାହୁ, ସହସମ୍ପାଦକ ଦୟାନିଧି ବାଗ, ସଦସ୍ୟ ଲୋକନାଥ ଦାସ, ରାଜେନ୍ଦ୍ର ବେହେରା, ନୈରୁତ ଜାନୀ, ରମେଶ ମାଝି, ଜନ୍ମେଜୟ ସାହୁ, ନେତ୍ରାନନ୍ଦ ବଡମାଲି, ଗଜରାଜ ମାଝି, ନିଳାମ୍ବର ବେହେରା, ଦୟାନିଧି ମାଝି ତଥା ଅନ୍ୟ ସମସ୍ତ ସଭ୍ୟ ଯୋଗଦେଇଥିଲେ।ଆଗାମୀ ମକରମେଳା ଯାକଜମକରେ ଅନୁଷ୍ଠିତ ହେବାକୁ ବୈଠକରେ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ମକର ମେଳା କମିଟିର ସଦସ୍ୟ।

# ମାଛଚାଷର ହବ ହେବାକୁ ଯାଉଛି କଳାହାଣ୍ଡି

ଭବାନୀପାଟଣା,୧୬।୧୨(ଉତ୍ତମ କୁମାର ଦାଶ)

ଖୁବ୍‌ଶୀଘ୍ର କଳାହାଣ୍ଡି ମାଛ ଚାଷ ପାଇଁ ଏକ ହବ୍ ହେବାକୁ ଯାଉଛି। ମାଛ ଚାଷୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି ମୁଖ୍ୟମନ୍ତ୍ରୀ ମତ୍ସ୍ୟ କଲ୍ୟାଣ ଯୋଜନା। ଚାଷୀମାନେ ଏହାର ଲାଭ ଉଠାଇ ମାଛ ଚାଷ କରିବା ପାଇଁ ଆଗ୍ରହୀ ଦେଖାଉଛନ୍ତି। କଳାହାଣ୍ଡି ଜିଲାରେ ବର୍ତ୍ତମାନ ୧୦ହଜାର ଚାଷୀ ଉତ୍ପାଦନ କରୁଛନ୍ତି ୩୦ହଜାର ମେଟ୍ରିକ ଟନ ମାଛ। ପଞ୍ଚାୟତ ପୋଖରୀ ଯୋଜନାରେ ସ୍ୱୟଂ ସହାୟକ ଗୋଷ୍ଠୀର ୧୭୦ ଗ୍ରୁପ ଜିଲାରେ ୨୬୦ ହେକ୍ଟର ଜମିରେ ମାଛ ଚାଷ କରୁଥିବାବେଳେ ମୋଟ ଉପରେ ୧୪ ହଜାର ହେକ୍ଟର ଜମିରେ ମାଛ ଚାଷ ପାଇଁ ୧୦ ହଜାର ମତ୍ସ୍ୟ ଚାଷୀ ନିର୍ଭର କରି ଆସୁଛନ୍ତି। କଳାହାଣ୍ଡି ଜିଲାରେ ମାଛର ଆବଶ୍ୟକତା ୩୩ ହଜାର ମେଟ୍ରିକ ଟନ ଥିବା ସମୟରେ ୩୦ ହଜାର ମେଟ୍ରିକ ଟନ ମାଛ ଉତ୍ପାଦନ ହେଉଛି। ଜିଲାର ମାଛ ବଲାଙ୍ଗୀର, ଛତିଶଗଡ଼ ଓ ଅନ୍ୟାନ୍ୟ ଜିଲାକୁ ବିକ୍ରି ପାଇଁ ଯାଉଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଜିଲାରେ ୫୦ କୋଟି ମାଛ ଯାଆଁଳ



ପୋଖରୀରେ ମାଛ ଯାଆଁଳ ଉତ୍ପାଦନ ହେଉଛି।

ପ୍ରସ୍ତୁତ ହେବା ଏକ ଉଲ୍ଲେଖନୀୟ ପଦକ୍ଷେପ ରୂପେ ଜିଲାର ସୁନାମ ବଢ଼ାଇଛି। ଜିଲାର ଭବାନୀପାଟଣା, ଯୋଡ଼ାବନ୍ଧ,(ଲାଞ୍ଜିଗଡ), ଭାତରାଜର (ଜୁନାଗଡ), କୋକସରା, ଗୋଲାମୁଣ୍ଡା, ଏମ.ରାମପୁର, ବଳଧିଆମାଳ, ବାୟାସାଗର, ଧର୍ମଗଡ଼ର ଗଡ଼ିଆଯୋର ଠାରେ ସରକାରୀ ଫିସେରୀ ଫାର୍ମ ମାଛ ଯାଆଁଳା ପ୍ରଜନନ ପାଇଁ କାର୍ଯ୍ୟ କରୁଛି। ମତ୍ସ୍ୟ ପୋଖରୀ ଯୋଜନା ଓ ବାୟୋଫ୍ଲୋକ ଯୋଜନା ମାଧ୍ୟମରେ ଚାଷୀଙ୍କୁ ମାଛ ଚାଷ ପ୍ରତି ଆକୃଷ୍ଟ କରାଯାଉଛି। ଏମିତି କି କୋଟି କୋଟି ଟଙ୍କା ରିହାତି ଆକାରରେ ଚାଷୀ ପାଇ ଉପକୃତ ହୋଇଥିବା ନଜିର ରହିଛି। ମତ୍ସ୍ୟଜୀବୀ ପରିବାରର ମେଧାବୀ ଛାତ୍ରୀଛାତ୍ରଙ୍କୁ ମେଧାବୃତି, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଦ୍ୱାରା ବାୟୋଫ୍ଲକ ପଦ୍ଧତିରେ ମାଛ ଚାଷ, ଫାର୍ମ ପୋଖରୀ, ଗ୍ରାମ ପଞ୍ଚାୟତ ପୋଖରୀରେ ମାଛ ଚାଷ

**ଚାଷୀଙ୍କ ପାଇଁ ଆଶୀର୍ବାଦ ପାଲଟିଛି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା**

ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ସହାୟତା ଏହିପରି ମୁଖ୍ୟମନ୍ତ୍ରୀ ମତ୍ସ୍ୟଜୀବୀ କଲ୍ୟାଣ ଯୋଜନା ସରକାର ପ୍ରଚଳିତ କରିଛନ୍ତି। ୧୬ ଗୋଟି ଯୋଜନାର ସମନ୍ୱୟରେ ଏହି ବୃହତ ଯୋଜନା ମାଛ ଚାଷୀଙ୍କ ଭାଗ୍ୟ ବଦଳାଇଦେବ। ବିଶେଷକରି ଓଡିଶା ସମନ୍ୱିତ ଜଳସେଚନ ଓ ଜଳବାୟୁ ସହନଶୀଳ କୃଷି ଯୋଜନାରେ ରାଜ୍ୟ ସରକାର ଓ ବିଶ୍ୱବ୍ୟାଙ୍କ ମିଳିତ ସହାୟତାରେ ଆଗ୍ରହୀ ଚାଷୀମାନଙ୍କୁ ଶହେ ପ୍ରତିଶତ ରିହାତିଆକାରରେ ୪୧ଲକ୍ଷ ଟଙ୍କା ଦିଆଯାଇଥିବା ଜଣାପଡ଼ିଛି। ଯଦି ଏମିତି ମାଛ ଚାଷୀଙ୍କୁ ସରକାରୀ ସୁବିଧା ସୁଯୋଗ ଦିଆଯାଏ, ତାହେଲେ ଆଗକୁ ମାଛ ଚାଷ ଏବଂ ଯାଆଁଳା ଉତ୍ପାଦନ କ୍ଷେତ୍ରରେ କଳାହାଣ୍ଡି ରାଜ୍ୟରେ ଏକ ରେକର୍ଡ ସୃଷ୍ଟି କରିବ ବୋଲି ଆଶା କରାଯାଉଛି।

## ସଂକ୍ଷେପରେ

### ମାଓବାଦୀ ଅପରେଶନ ଜାରି

**ବୌଦ୍ଧ/କନ୍ଧମାଳ,୧୬।୧୨(ଅଜିତ କୁମାର ବାରିକ/ ଆଦିତେଶ୍ୱର ମିଶ୍ର):** ବୌଦ୍ଧ ଜିଲା ମନମୁଣ୍ଡା ଥାନା ଶଗଡା ଫାଣ୍ଡି ନଳିକୁପା ଗାଁ ପାଖ ସୁବର୍ଣ୍ଣଗିରି ଓ ପେନାଜୋର ଜଙ୍ଗଲରେ ଗୁରୁବାର ମାଓବାଦୀ ଓ ଏସଓଜି ଯବାନଙ୍କ ମଧ୍ୟରେ ଗୁଳିବିନିମୟ ହୋଇଥିଲା। ପରେ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ଏହି ଘଟଣା ପରେ ପୋଲିସ ସର୍ଚ୍ଚ ଅପରେଶନକୁ ଜୋରଦାର କରିଥିଲା। ମାଓବାଦୀମାନେ ଖଞ୍ଜି ଥିବା ଲାଣ୍ଡମାଇନକୁ ବମ୍ ସ୍କ୍ୱାଡ ଟିମ୍ ନଷ୍ଟ କରିଥିବା ବେଳେ ବିପୁଳ ପରିମାଣର ମାଓ ସାମଗ୍ରୀ ଜବତ ହୋଇଥିଲା। ଶନିବାର ମଧ୍ୟ ପୋଲିସ ପକ୍ଷରୁ ଉକ୍ତ ଜଙ୍ଗଲରେ ଅପରେଶନ ଜାରି ରହିଛି।

### ମେଟାକାନୀ ମନ୍ଦିରରୁ ଚୋରି

**ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ):** ବରଗଡ଼ ସଦର ଥାନା ଅନ୍ତର୍ଗତ ସରସରା ଏବଂ ଖୁଣ୍ଟପାଲି ମଝିରେ ରହିଥିବା କଟାଟିକ୍ରା ମେଟାକାନୀ ମନ୍ଦିରରେ ଗୁରୁବାର ବିଳମ୍ବିତ ରାତିରେ ଚୋରି ହୋଇଛି। ଦୁର୍ବୃତ୍ତମାନେ ମନ୍ଦିର ଦାନବାକ୍ସ ଭାଙ୍ଗି ସେଥିରେ ଥିବା ସବୁ ଦାନରାଶି ନେଇ ଯାଇଛନ୍ତି। ସେହିପରି ଦେବୀଙ୍କ ରୂପା ନିର୍ମିତ ପରଭା ମଧ୍ୟ ଚୋରି ହୋଇଛି। ଏ ନେଇ ଅଭିଯୋଗ ହେବା ପରେ ସଦର ଥାନା ପୋଲିସ ତଦନ୍ତ କରୁଛି।

### ଜଗଦଲପୁରରେ ଯୁବ ଓଡ଼ିଶା ନୂଆ ଓଡ଼ିଶା

ପଦ୍ମପୁର,୧୬।୧୨ (ପ୍ରଦୀପ୍ତ ଦାଶ): ପଦ୍ମପୁର ଉପଖଣ୍ଡ ଜଗଦଲପୁର ଚନ୍ଦ୍ରଶେଖର ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ନୂଆ-ଓ ଯୁବ ଓଡିଶା ନବୀନ ଓଡିଶା କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଅଧ୍ୟକ୍ଷ ଅଶ୍ୱିନୀ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଥାନାଧିକାରୀ ବିପିନ ବାଗ ମୁଖ୍ୟ ଅତିଥି, ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଗୋପବନ୍ଧୁ ସାହୁ, ଅବସରପ୍ରାପ୍ତ ଶିକ୍ଷକ କୃଷ୍ଣଚନ୍ଦ୍ର ପଟେଲ, ଉପେନ୍ଦ୍ର ପଟେଲ, ସିଆରସିସି ନୀଳାମ୍ବର ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। କେଦାର ଶଙ୍କର ସାହୁ ମଞ୍ଚ ପରିଚାଳନା,ଶିକ୍ଷକ ପୂର୍ଣ୍ଣାନନ୍ଦ ଭୋଇ ଅତିଥି ପରିଚୟ ଏବଂ ସୁବାଷ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

### ବରିକେଲରେ ମାସିକ କ୍ଲଷ୍ଟର ବୈଠକ

ପଦ୍ମପୁର,୧୬।୧୨(ପ୍ରଦୀପ୍ତ ଦାଶ): ରାଜବୋଡାସମ୍ବର ବ୍ଲକ ବରିକେଲ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ବରିକେଲ ଆଞ୍ଚଳିକ ସାଧନ କେନ୍ଦ୍ରର ୬ଷ୍ଠ ମାସିକ କ୍ଲଷ୍ଟରସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରଧାନ ଶିକ୍ଷକ ଦଶରଥ ବଡ଼ଗୁଛିଆ ସଭାପତିତ୍ୱ କରିଥିଲେ। ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ରବିନାରାୟଣ ପଣ୍ଡା ବୈଠକ ପରିଚାଳନା କରି ମୌଳିକ ସାକ୍ଷରତା, ସଂଖ୍ୟା ଜ୍ଞାନ, ପଠନ ଶୈଳୀ, ମାନକ ଓ ଅଣମାନକ, ପ୍ରି ଭୋକେଶନାଲ ପାଠ୍ୟକ୍ରମ ଆଦି ବିଷୟରେ ଆଲୋଚନା କରିଥିଲେ।

### ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ

**ବୌଦ୍ଧ,୧୬।୧୨(ଅଜିତ କୁମାର ବାରିକ):** ବୌଦ୍ଧ ଜିଲା ହାବିଲଦାର, କନଷ୍ଟେବଲ ସଂଘ ନିର୍ବାଚନ ଅନୁଷ୍ଠିତ ହୋଇଛି। ସଭାପତି ଭାବେ କୁନ୍ଦନ ମହାକୁଳ, ସମ୍ପାଦକ ଅମିତାଭ ଶତପଥି ନିର୍ବାଚିତ ହୋଇଥିଲେ। ଉପସଭାପତି ସୌମ୍ୟରଞ୍ଜନ ମେଣ୍ଡିଲି, ଯୁଗ୍ମ ସମ୍ପାଦକ (କ) ଚୁକୁ ମେହେର, ଯୁଗ୍ମ ସମ୍ପାଦକ (ଖ) ରାଜକିଶୋର ନାଏକ, କୋଷାଧ୍ୟକ୍ଷ ଯଶୋବନ୍ତ ପ୍ରଧାନ ନିର୍ବାଚିତ ହୋଇଥିଲେ। କାର୍ଯ୍ୟକାରୀ କମିଟିରେ ୫ଜଣ ସଦସ୍ୟ ରହିଛନ୍ତି।

# ନାରୀ ଉଚ୍ଚଶିକ୍ଷିତ ହେଲେ ଦେଶ ଉନ୍ନତ ହେବ

## ଅଲିଭା ମହାସଂଘ-ଜିଲା ପ୍ରଶାସନ ମିଳିତ ବୈଠକ

ସୋନପୁର,୧୬।୧୨(ମୃତ୍ୟୁଞ୍ଜୟ ଶତପଥୀ)



ବୈଠକରେ ମଞ୍ଚାସୀନ ଅତିଥି ବୃନ୍ଦ।

ମହିଳା ଜନ ପ୍ରତିନିଧିମାନଙ୍କୁ ନେଇ ଗଠନ ହୋଇଥିବା ଅଲିଭା ମହାସଂଘର ଜିଲାସ୍ତରୀୟ ବୈଠକ ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଅନଙ୍ଗ ନେଗି ଅତିଥି ପରିଚୟ ପ୍ରଦାନ କରିଥିଲେ। କ୍ଷେତ୍ର ପ୍ରଶିକ୍ଷକ ଗୁଣନିଧି ମାଝି କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା ସୁପାର ଠେଲା ଯୋଗଦେଇ ତାଙ୍କ ବକ୍ତବ୍ୟରେ ନାରୀ ଉଚ୍ଚଶିକ୍ଷିତ ହେଲେ ଦେଶ ଉନ୍ନତ ହେବ ବୋଲି କହିଥିଲେ। ସମ୍ମାନୀତ ଅତିଥିଭାବେ ଜିଲା ଶ୍ରମ ଅଧିକାରୀ ଡିଲେଶ୍ୱର ଖାଖା ଦାଦନ ଶ୍ରମିକ, ନିର୍ମାଣ ଶ୍ରମିକଙ୍କୁ ମିଳୁଥିବା ଝିଅ ବାହାଘର ପ୍ରୋତ୍ସାହନ ସହାୟତା ରାଶି ଓ ବିଭିନ୍ନ ସରକାରୀ ଯୋଜନା ଉପରେ ମତ ରଖିଥିଲେ। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଗୋବିନ୍ଦ ବଲ୍ଲଭ ଷଡ଼ଙ୍ଗୀ ବାଣିଶ୍ରୀ, ଦିବ୍ୟାଙ୍ଗ ମାନଙ୍କ ବିବାହ ପ୍ରୋତ୍ସାହନ, ଜାତୀୟ ପରିବାର ମଙ୍ଗଳ ଯୋଜନା, ବିଭିନ୍ନ ଭତ୍ତା ଉପରେ ମତ ରଖିଥିଲେ। ଜିଲା ସମାଜ ମଙ୍ଗଳ ଅଧିକାରୀଙ୍କ ସୁରକ୍ଷା କର୍ମୀ ଅନିତା ଗୁରୁ ମହିଳା ଶିଶୁ ବିକାଶ ମାଧ୍ୟମରେ ମିଳୁଥିବା ଛତୁଆ, ପ୍ରତିଷେଧକ ଟୀକା ପ୍ରଦାନ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଯୋଗେଶ୍ୱର ସ୍ୱାଇଁ, ଲଳିତ ମୋହନ ପଟ୍ଟନାୟକ ଜାତୀୟ ଖାଦ୍ୟ ସୁରକ୍ଷା ଆଇନ ଉପରେ କହିଥିଲେ। ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁ ନାରୀ ସୁରକ୍ଷା, ଶିଶୁ ସୁରକ୍ଷା ଉପରେ ସୂଚନା ଦେଇଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ଚତୁର୍ଭୁଜ ଦାଶ ଶିଶୁ ଅଧିକାର, ମିଶନ ବାତ୍ସଲ୍ୟ, ଆଶୀର୍ବାଦ ଯୋଜନା ଓ ସୁକନ୍ୟା ଯୋଜନା ସମ୍ପର୍କରେ ସୂଚନା ଦେଇଥିଲେ। ସ୍ୱାଧୀନ ମେହେର, ସରଗଜ ଗ୍ରାମପଞ୍ଚାୟତ ସରପଞ୍ଚ ନର୍ମଦା ମିଶ୍ର, ଅଲିଭା ମହାସଂଘ ସଭାନେତ୍ରୀ ଆହୁତି କୁମ୍ଭାର ଓ ସମ୍ପାଦିକା କାମିନୀ ମିଶ୍ର ଆଗାମୀ ଦିନରେ ଅଲିଭା ମହାସଂଘ ମହିଳା, ଶିଶୁ ମାନଙ୍କ ସହ କାର୍ଯ୍ୟ କରିବା ସହିତ ସରକାରୀ ସୁବିଧା ସୁଯୋଗ କିପରି ସମସ୍ତ ହିତାଧିକାରୀ ପାଇ ପାରିବେ ସେ ନେଇ ଅଲିଭା ମହାସଂଘ କାର୍ଯ୍ୟ କରିବ ବୋଲି କହିଥିଲେ। ହଙ୍ଗର ପ୍ରୋଜେକ୍ଟ ଜେଣ୍ଡର୍ ଏକ୍ସପୋର୍ଟ ଅନଙ୍ଗ ନେଗି ଅଲିଭା ମହାସଂଘ ଓ ପଞ୍ଚାୟତ ଜନ ପ୍ରତିନିଧି ମାନଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ଏଥିରେ ତରଭା ବ୍ଲକର ୧୫ଟି ଗ୍ରାମ ପଞ୍ଚାୟତରୁ ମହିଳା ଜନ ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ଅଲିଭା ମହାସଂଘ ପକ୍ଷରୁ ଜିଲା ପରିଷଦ ଅଧ୍ୟକ୍ଷା ଠେଲାଙ୍କୁ ବିଭିନ୍ନ ସମସ୍ୟା ନେଇ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମ ପରିଚାଳନାରେ ଧନୁର୍ଦ୍ଧର ନାଏକ, ସ୍ୱପ୍ନା ମହାଲିଙ୍ଗ ସହଯୋଗ କରିଥିଲେ। କ୍ଷେତ୍ର ପ୍ରଶିକ୍ଷକ ଗୁଣନିଧି ମାଝି ଧନ୍ୟବାଦ ଅର୍ପଣ କରିଥିଲେ।

# ଧାନ ବିକ୍ରିରେ ଅନିୟମିତତା, ଗର୍ଜିଲା କଂଗ୍ରେସ

ବରପାଲି,୧୬।୧୨(ଚିତ୍ତରଞ୍ଜନ ସାହୁ)

ପଶ୍ଚିମ ଓଡ଼ିଶାରେ ଧାନକିଣା ନୀତି ସମ୍ପୂର୍ଣ୍ଣ ତ୍ରୁଟିପୂର୍ଣ୍ଣ। ଫଳରେ ଏହା ମିଲର୍ସଙ୍କୁ ସୁହାଉଛି। ମିଲର୍ସ ଓ ସରକାରଙ୍କ ମଧୁଚନ୍ଦ୍ରିକା ଯୋଗୁ ଚାଷୀ କ୍ଷତିଗ୍ରସ୍ତ ହେଉଛନ୍ତି ବୋଲି ଶନିବାର ବରପାଲି ଡାକ ବଙ୍ଗଳାଠାରେ ରାଜ୍ୟ କିଷାନ କଂଗ୍ରେସ ଅଧ୍ୟକ୍ଷ ଅମୀୟ ପଟ୍ଟନାୟକ ଏକ ଖବରଦାତା ସମ୍ମିଳନୀରେ ଅଭିଯୋଗ କରିଛନ୍ତି। ଏହାସହିତ ଧାନ କୁଇଣ୍ଟାଲ ପ୍ରତି ୨୯୩୦, ୬୦୦ ଟଙ୍କା ବୋନସ, ଲଘୁଚାପରେ କ୍ଷତି ହୋଇଥିବା ଡିସ୍କଲର ଧାନକୁ କ୍ରୟ, ପ୍ରତି ମଣ୍ଡିରେ ସିସି କ୍ୟାମେରା, ପ୍ରଚଳିତ ଇନ୍‌ପୁଟ ସବସିଡି ଦେଢ଼ ଗୁଣା ବୃଦ୍ଧି, କ୍ଷତିଗ୍ରସ୍ତ ଚାଷୀଙ୍କୁ ଏକର ପିଛା ୨୫ହଜାର ଟଙ୍କା କ୍ଷତିପୂରଣ, ଟୋକନ ବ୍ୟବସ୍ଥା ଉଚ୍ଛେଦ ସହ ଚାଷୀଙ୍କ ବଳକା ଧାନ ସରକାର କ୍ରୟ କରନ୍ତୁ ବୋଲି ସେ ଦାବି କରିଥିଲେ। ପରେ ଅଧ୍ୟକ୍ଷ ପଟ୍ଟନାୟକ ବରପାଲି ବ୍ଲକର ସତଲମା, ବରପାଲି ମଣ୍ଡି ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରିଥିଲେ। ଜିଲା କିଷାନ କଂଗ୍ରେସ ଅଧ୍ୟକ୍ଷ ଗୁଣମଣି ସାହୁ, ଭେଡେନ ବ୍ଲକ କଂଗ୍ରେସ ସଭାପତି ରମେଶ ପଣ୍ଡା, ବରପାଲି ବ୍ଲକ କଂଗ୍ରେସ ସଭାପତି ଫକିର ପ୍ରଧାନ, ନଗର କଂଗେସ ସଭାପତି ସରୋଜ ଭୋଇ, କିଷାନ୍ କଂଗ୍ରେସ ବ୍ଲକ ସଭାପତି ସଦାନନ୍ଦ ମହାନନ୍ଦ, ଏସ୍‌ସି ସେଲ ସଭାପତି ବରୁଣ ସାଗରଙ୍କ ସମେତ ଯୁବ କଂଗ୍ରେସ ନେତା ଅଭିଷେକ ସେଠ୍ ଉପସ୍ଥିତ ଥିଲେ।


ଖବରଦାତା ସମ୍ମିଳନୀରେ ମଞ୍ଚାସୀନ କଂଗ୍ରେସ ନେତୃବୃନ୍ଦ।

# ମୁଖ୍ୟମନ୍ତ୍ରୀଙ୍କ ବିକାଶମୂଳକ କାର୍ଯ୍ୟରେ ସାମିଲ ହେବାକୁ ଆହ୍ୱାନ

ଘଣ୍ଟାପଡ଼ା,୧୬।୧୨(ପ୍ରଭାତ କୁମାର ସାହୁ)


ଶିବିରରେ ଉପସ୍ଥିତ ବିଜେଡିର ନେତୃବୃନ୍ଦ ଓ କର୍ମୀବୃନ୍ଦ।

## ପଲସଗୋରାରେ ବିଜେଡିର ପ୍ରଶିକ୍ଷଣ ଶିବିର

ବୌଦ୍ଧ ଜିଲା କନ୍ଧମାଳ ନିର୍ବାଚନ ମଣ୍ଡଳୀର ପଲସାଗୋରା କଲ୍ୟାଣମଣ୍ଡପଠାରେ ଶନିବାର ପଞ୍ଚାୟତସ୍ତରୀୟ କର୍ମୀଙ୍କୁ ନେଇ ବିଜେଡିର ଏକ ୩ଦିନିଆ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ବିଜେଡି ସଭାପତି, କନ୍ଧମାଳ ବିଧାୟକ ତଥା ଜିଲା ଯୋଜନା ବୋର୍ଡ ଅଧ୍ୟକ୍ଷ ମହୀଧର ରଣା ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ତୃଣମୂଳ ସ୍ତରରୁ ଦଳର ସଙ୍ଗଠନକୁ ସୁଦୃଢ଼ କରିବା ସହ ମୁଖ୍ୟମନ୍ତ୍ରୀଙ୍କ ବିକାଶ ମୂଳକ କାର୍ଯ୍ୟକ୍ରମରେ ସାମିଲ ହେବାକୁ ଉପସ୍ଥିତ କର୍ମୀଙ୍କୁ ସେ ଆହ୍ୱାନ ଦେଇଥିଲେ। ଶିବିରର ପ୍ରଥମ ଦିନରେ କନ୍ଧମାଳ, ଖଲିଆପାଲି, ଦପଲା, ଲମ୍ବସରି, ଯୋଗୀନ୍ଦ୍ରପୁର, ଶିମିଳିପଦର, ମନମୁଣ୍ଡା, ଶୁଣ୍ଡିପଦର,ବିଲାସପୁର, ଗୁଡଭେଲିପଦର, ବରଗୋଚ୍ଛା, ଗୁନ୍ଦୁଳିଆ ପଞ୍ଚାୟତର କର୍ମୀମାନେ ଯୋଗଦେଇ ତାଲିମ ନେଇଥିଲେ। ପୂର୍ବତନ ଖଣ୍ଡପଡା ବିଧାୟକ ଅନୁଭବ ପଟ୍ଟନାୟକ ଓ ରାଜ୍ୟ ସାଧାରଣ ସମ୍ପାଦକ ମନୋରଞ୍ଜନ ସ୍ୱାଇଁ ମୁଖ୍ୟ ତାଲିମ ଦାତା ଭାବେ ଯୋଗଦେଇ କର୍ମୀଙ୍କୁ ସରକାରଙ୍କ ବିକାଶ ମୂଳକ କାର୍ଯ୍ୟକୁ ଲୋକଙ୍କ ପାଖରେ ପହଞ୍ଚାଇବା ସହ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଉପରେ ସଚେତନ କରାଇବା ଓ ସାମାଜିକ ଗଣମାଧ୍ୟମର ବହୁଳ ବ୍ୟବହାର ଉପରେ ତାଲିମ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲା ପର୍ଯ୍ୟବେକ୍ଷକ ସୌଭାଗ୍ୟ ନାୟକ, ସହ-ପର୍ଯ୍ୟବେକ୍ଷକ ସୁବୋଧ ପ୍ରଧାନ, ପୂର୍ବତନ କନ୍ଧମାଳ ବିଧାୟକ ଭଗବାନ କହଁର, ଜିଲା ପରିଷଦ ଉପାଧ୍ୟକ୍ଷ ଶଙ୍କର୍ଷଣ ପ୍ରଧାନ, କନ୍ଧମାଳ ବ୍ଲକ ଅଧ୍ୟକ୍ଷା ସସ୍ମିତା ସେନାପତି, ଜିଲା ପରିଷଦ ସଭ୍ୟା ସୁମିତ୍ରା ସାହୁ, ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ମହାକୁଡ଼, ବ୍ଲକ ବିଜେଡି ସଭାପତି ପ୍ରେମରାଜ ରଣା, ଯୁବ ବିଜେଡି ସଭାପତି ତଥା କନ୍ଧମାଳ ଏମପି ପ୍ରତିନିଧି ଶମ୍ଭୁ ପ୍ରସାଦ ସାହୁ, ବୌଦ୍ଧ ବ୍ଲକ ସଭାପତି ବାଳମୁକୁନ୍ଦ ମେହେର, ଚିତ୍ତ କର୍ଣ୍ଣ, ପ୍ରଭାତ ପ୍ରଧାନ, ମହିଳା ଜିଲା ଉପସଭାପତି ମମତା ପ୍ରଧାନ, ଅମର ପ୍ରଧାନ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସଂଗଠକ ପ୍ରଶାନ୍ତ ରଣା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ରାଧାବଲ୍ଲଭ ପ୍ରଧାନ, ପଞ୍ଚାନନ ସାହୁ, ସନ୍ତୋଷ ଦନ୍ତା, ଶତ୍ରୁଘନ ଶତପଥୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି, ୪ଗିରଫ

ତଳଗାଁ,୧୬।୧୨(କୁନା ବେହେରା)

ବୌଦ୍ଧ ଜିଲା ପୁରୁଣାକଟକ ପୋଲିସ ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି ଘଟଣାରେ ୪ଜଣଙ୍କୁ ଗିରଫ କରି ଶନିବାର କୋର୍ଟ ଚାଲାଣ କରିଛି। ତେବେ ଏଥିରେ ବିଦ୍ୟୁତ୍ ବିଭାଗର ୨ଜଣ ଲାଇନ୍ ମ୍ୟାନ, ଜଣେ ଡ୍ରାଇଭର, ଜଣେ କବାଡିବାଲା ଗିରଫ ହୋଇଥିବା ସୂଚନା ମିଳିଛି। ସେମାନେ ହେଲେ ପୁରୁଣାକଟକ ସେକସନର ବିଦ୍ୟୁତ୍ ବିଭାଗର ପ୍ରବୀଣ ପ୍ରଧାନ, ଜଗନ୍ନାଥ ଜେନା ,ବୌଦ୍ଧ ସେକସନର ପ୍ରବୀଣ ପ୍ରଧାନ, ପୁରୁଣାକଟକର ଭିକାରୀ ସାହୁ ଏବଂ ଜଣେ କବାଡିବାଲା। ଚୋରିରେ ବ୍ୟବହୃତ କରୁଥିବା ଗୋଟିଏ ବୋଲେରୋ, ପିକଅପ୍ ଭ୍ୟାନ ସହିତ ବାଇକ୍‌କୁ ପୋଲିସ ଜବତ କରିଛି। ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯିବ ବୋଲି ପୁରୁଣାକଟକ ଥାନ ଅଧିକାରୀ ରଣଜିତ ମୁନୀ ସୂଚନା ଦେଇଛନ୍ତି। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ବ୍ଲକର ପୁରୁଣାକଟକ,ହରଭଙ୍ଗା ଏବଂ ବୌଦ୍ଧ ଥାନା ଅଞ୍ଚଳରୁ ୧୭ ଦିନ ମଧ୍ୟରେ ଲୁଟେରାମାନେ ୯ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ଚୋରି କରି ନେଇଥିବା ବିଭାଗ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା।

# ମଣ୍ଡି ବୁଲିଲେ କିଷାନ କଂଗ୍ରେସ ସଭାପତି

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲାରେ ଗତ ଅଦିନିଆ ବର୍ଷାରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ଏହାକୁ ନେଇ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ପଡ଼ିଛି। ଫସଲକ୍ଷତି ଯୋଗୁ ସରକାରଙ୍କ କ୍ଷତିପୂରଣ ଏବଂ ବୀମା ସହାୟତା ଚାଷୀଙ୍କ ଭରସା ପାଲଟିଛି। ଏଭଳି ସ୍ଥିତିରେ ଶୁକ୍ରବାର ରାଜ୍ୟ କିଷାନ କଂଗ୍ରେସ ସଭାପତି ଅମିୟ ପଟ୍ଟନାୟକ ବରଗଡ଼ ଜିଲା ଗସ୍ତରେ ଆସିଥିଲେ। ସେ ବରଗଡ଼ ବ୍ଲକ ଅନ୍ତର୍ଗତ କଳାପାଣି, ଅତାବିରା ବ୍ଲକର କାଠଡ଼େରା, ଅତାବିରା ଆଦି ମଣ୍ଡି ପରିଦର୍ଶନ ସହିତ ଚାଷୀଙ୍କ ସହିତ ଆଲୋଚନା କରିଥିଲେ। ଚାଷୀମାନେ ସେମାନଙ୍କ ଫସଲକ୍ଷତି ଏବଂ ଧାନ କିଣାବିକାରେ ହେଉଥିବା ସମସ୍ୟା ରାଜ୍ୟ କିଷାନ କଂଗ୍ରେସ ସଭାପତିଙ୍କୁ କହିଥିଲେ। ଚାଷୀଙ୍କ ସବୁ ସମସ୍ୟା ନେଇ ସେ ପ୍ରଦେଶ କଂଗ୍ରେସ ସଭାପତିଙ୍କୁ ଅବଗତ କରାଇବେ ଏବଂ କଂଗ୍ରେସ ଚାଷୀଙ୍କ ହକ୍ ପାଇଁ ଲଢ଼େଇ କରିବ ବୋଲି ସେ ଚାଷୀଙ୍କୁ କହିଥିଲେ। ଏହି ଗସ୍ତରେ ଜିଲା କଂଗ୍ରେସ ସଭାପତି ନିହାର ରଞ୍ଜନ ମହାନନ୍ଦ, ଜିଲା କିଷାନ କଂଗ୍ରେସ ସଭାପତି ଗୁଣନିଧି ସାହୁ, ପ୍ରଦୀପ ଦେବତା, ପ୍ରତାପ ନାୟକ, ରବି ପଣ୍ଡା, ସୁଶାନ୍ତ ସାହୁ, ଅଭିଷେକ ସେଟ୍, ରମେଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ୨୦ତମ ଉପଦେଷ୍ଟା ମଣ୍ଡଳୀ ବୈଠକ

ବଘିଆପଡା,୧୬।୧୨(ଶ୍ରୀକାନ୍ତ ସାହୁ)

ବୌଦ୍ଧ ଜିଲା ପାଲଝାର ସ୍ଥିତ କୃଷିବିଜ୍ଞାନ କେନ୍ଦ୍ରରେ ୨୦ତମ ଉପଦେଷ୍ଟା ମଣ୍ଡଳି ବୈଠକ ଶନିବାର ଅନୁଷ୍ଠିତ ହୋଇଛି। ଓଡିଶା କୃଷି ବୈଷୟିକ ବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶାଳୟ ଅଧ୍ୟକ୍ଷ ଡ. ପ୍ରସନ୍ନଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ବିଶ୍ୱ ବିଦ୍ୟାଳୟ ଯୁଗ୍ମ ନିର୍ଦ୍ଦେଶକ ଡ. ଅମରେଶ ଶୁଣ୍ଢିଆ ଆଭାସି ମାଧ୍ୟମରେ ବୈଠକ ପରିଚାଳନା କରିଥିଲେ। କୃଷି କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତପନ କୁମାର ଦାସ କେନ୍ଦ୍ର ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରୀୟ କୃଷି ଗବେଷଣା କେନ୍ଦ୍ରର ମୁଖ୍ୟ ଡ.ଗୋବିନ୍ଦ ଆଚାର୍ଯ୍ୟ ଆଭାସି ଜରିଆରେ ଯୋଗ ଦେଇଥିଲେ। ବୈଜ୍ଞାନିକ ସସ୍ମିତା ପାଲ, ମୟୂରସିଂ ସର୍ଦାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଯାଦବ ସମାଜ ସୁଦୃଢ଼ କରିବାକୁ ଗୁରୁତ୍ୱ

ବରଗଡ଼,୧୬।୧୨(ପ୍ରେମାନନ୍ଦ ଖମାରୀ)


ଯାଦବ ସମାଜର ବନ୍ଧୁ ମିଳନରେ ଗଉଡ଼ ବାଡ଼ି କଳା ପ୍ରଦର୍ଶନ।

ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଜିଲା ଯାଦବ ସମାଜର ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯାଦବ ସମାଜ ଜିଲା ସଭାପତି ବ୍ରହ୍ମାନନ୍ଦ ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରଗଡ଼ କ୍ରିଷ୍ଣା ବିକାଶ ଗ୍ରୁପ୍‌ର ଅଧ୍ୟକ୍ଷ ଡି. ମୁରଲୀ କ୍ରିଷ୍ଣା ମୁଖ୍ୟ ଅତିଥି, ଅଖିଳ ଭାରତୀୟ ଯାଦବ ମହାସଭାର ଉପଦେଷ୍ଟା ଚିତ୍ତରଞ୍ଜନ କଂସ ମୁଖ୍ୟବକ୍ତା, ବରଗଡ଼ ପୌରାଧ୍ୟକ୍ଷା କଳ୍ପନା ମାଝି, ଯାଦବ ସମାଜର ଜିଲା କାର୍ଯ୍ୟକାରିଣୀ ସଭାପତି ଡୋଲାମଣି ମାହାର, ଜିଲା ମୁଖ୍ୟ ଉପଦେଷ୍ଟା ଶୁକମୁନି କଠାର, ସୁରେଶ୍ୱର ଭୋଇ, ରାଜ୍ୟ ଯୁବ ଯାଦବ ସମାଜ କାର୍ଯ୍ୟକାରୀ ସଭାପତି ମାନସ ନାଗ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। କାର୍ଯ୍ୟକ୍ରମରେ ଯାଦବ ସମାଜକୁ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସୋମନାଥ ଭୋଇ ସଭା ସଂଯୋଜନା କରିଥିଲେ। ପବିତ୍ର ବାଗ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଦଶରଥ ପରୁଆ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ସାଧାରଣ ସମ୍ପାଦକ ଲଳିତ ମୋହନ ଦୀପ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗଉଡ଼ବାଡ଼ିକଳା ପ୍ରଦର୍ଶନ ସହିତ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଯାଦବ ସମାଜ ସଦସ୍ୟ ଆନନ୍ଦ ବାଗ, ଶିବାନନ୍ଦ ମଟାରୀ, ଅଶ୍ୱିନୀ କଠାର ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ ଦିଆଯାଇଥିଲା।

# କଂସ ବଧ ସହ ବୌଦ୍ଧ ଧନୁଯାତ୍ରା ଶେଷ

ବୌଦ୍ଧ,୧୬।୧୨( ଅଜିତ କୁମାର ବାରିକ)

ବୌଦ୍ଧ ଭୈରବୀ ପଡିଆଠାରେ ସହରର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ମଦନ ମୋହନ ନାଟ୍ୟ କଳାପରିଷଦ ପକ୍ଷରୁ ୭ଦିନ ଧରି ଚାଲିଥିବା ଧନୁଯାତ୍ରା ଶନିବାର ଉଦ୍‌ଯାପିତ ହେବା ସହିତ କଂସ ବଧ ନାଟକ ମଞ୍ଚସ୍ଥ ହୋଇଛି। ଏହି ନାଟକରେ ଅକ୍ରୁର କୃଷ୍ଣ ବଳରାମ ୨ ଭାଇଙ୍କୁ ରଥରେ ବସାଇ ସହରର ରାଜରାସ୍ତାରେ ଶୋଭାଯାତ୍ରା କରି ଭକ୍ତଙ୍କୁ ଦର୍ଶନ ଦେଇଥିଲେ। କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଭକ୍ତମାନେ ଦର୍ଶନ କରିବା ସହ ଆତସବାଜୀ ଓ ଦୁଲଦୁଲି ବାଜାରେ ସହରର କମ୍ପି ଉଠିଥିଲା। ଗୋଟିଏ ପଟେ ପ୍ରଭୁ କୃଷ୍ଣ ବଳରାମଙ୍କ ଶୋଭାଯାତ୍ରା ଚାଲିଥିବାବେଳେ ଅନ୍ୟ ପଟେ ପ୍ରତାପୀ କଂସ ମହାରାଜ ନିଜର ସୈନ୍ୟସାମନ୍ତଙ୍କ ସହିତ ଏକ ବିରାଟ ପଟୁଆରରେ ସୁସଜ୍ଜିତ ରଥରେ ନଗର ପରିଭ୍ରମଣ କରିଥିଲେ। ଉଭୟଙ୍କ ରଥ ଯାତ୍ରା ପଡିଆକୁ ଆସିବା ପରେ ନାଟକ ଆରମ୍ଭ ହୋଇଥିଲା। ନାଟକରେ ସୁଦାମା ମାଳିର ଫୁଲ ବେଶ, ମଲ୍ଲ ଯୁଦ୍ଧ, କୁବୁଜା ଉଦ୍ଧାର, ରଜକ ଦର୍ପ ଦଳନ ଆଦି ପଥପ୍ରାନ୍ତ ନାଟକ ପରିବେଷଣ ହୋଇଥିଲା। ଏହି ନାଟ୍ୟୋତ୍ସବରେ ଜିଲାର ଜଣାଶୁଣା ବରିଷ୍ଠ ନାଟ୍ୟକାର ହୃଦାନନ୍ଦ ମେହେରଙ୍କ ରଚିତ ଓ ଦେବାଙ୍ଗନ ମେହେରଙ୍କ ନିର୍ଦ୍ଦେଶନାରେ ଭଗବାନ ଶ୍ରୀକୃଷ୍ଣଙ୍କ ଲୀଳା ବା ପୌରାଣିକ କଥାବସ୍ତୁକୁ ଯାତ୍ରା ନାଟକ ଶୈଳୀରେ ପ୍ରତିଦିନ ପରିବେଷଣ ହୋଇଆସୁଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ମୁଖ୍ୟଅତିଥିଭାବେ ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ,ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ ସୂଚନା ଓ ଲୋକସଂପର୍କ ମନ୍ତ୍ରୀ ପ୍ରଦୀପ କୁମାର ଅମାତ ଓ ସମ୍ମାନିତ ଅତିଥି ଭାବେ ବିଜ୍ଞାପିତ ଅଞ୍ଚଳ ଅଧ୍ୟକ୍ଷ ମୃତ୍ୟୁଞ୍ଜୟ ମିଶ୍ର ଯୋଗଦେଇ ଅନୁଷ୍ଠାନର କଳାକାରଙ୍କୁ ଉତ୍ସାହିତ କରିଥିଲେ।


ବୌଦ୍ଧ ଧନୁଯାତ୍ରାର ଦୃଶ୍ୟ।

# ଫାଇନାଲରେ ଭୁବନେଶ୍ୱର ଜଗା ୟୁନାଇଟେଡ

ସୋହେଲା,୧୬।୧୨(ଅଶ୍ୱିନୀ କୁମାର ପାତ୍ର)

## ସର୍ବଭାରତୀୟ ନକ୍‌ଆଉଟ୍ ଫୁଟ୍‌ବଲ

ସୋହେଲା ମିନି ଷ୍ଟାଡିୟମରେ ଚାଲିଥିବା ସର୍ବଭାରତୀୟ ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟରେ ଶନିବାର ଭୁବନେଶ୍ୱର ଜଗା ୟୁନାଇଟେଡ ସୋହେଲା ଦଳକୁ ୨-୦ ଗୋଲରେ ହରାଇ ଫାଇନାଲରେ ପ୍ରବେଶ କରିଛି। ଖେଳର ପ୍ରଥମାର୍ଦ୍ଧରେ ୧୧ ନଂ. ଖେଳାଳି ରିଚାର୍ଡ ୧୧ନମ୍ବର ମିନିଟରେ ଓ ୬ ନଂ. ଖେଳାଳି ଆୟନ ମିସ୍ତ୍ରୀ ୩୭ ନମ୍ବର ମିନିଟରେ ଗୋଟିଏ ଲେଖାଏଁ ଗୋଲ କରି ଦଳକୁ ବିଜୟୀ କରାଇଥିଲେ। ଦ୍ୱିତୀୟାର୍ଦ୍ଧ ଖେଳ ଗୋଲ ଶୂନ୍ୟ ରହିଥିଲା। ଆଜିର ମ୍ୟାଚ୍‌ର ଶ୍ରେଷ୍ଠ ଖେଳାଳି ଭାବେ ବିଜୟୀ ଦଳର ଆୟନ ମିସ୍ତ୍ରୀ ପୁରସ୍କୃତ ହୋଇଥିଲେ। ବରଗଡ଼ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ ମୁଖ୍ୟ ଅତିଥି ଏବଂ ଜିଲା କ୍ରୀଡା ସଂସଦର କ୍ରୀଡ଼ା ସମ୍ପାଦକ ହରଦୀପ ସିଂ ଓ ପୂର୍ବତନ ବ୍ଲକ ଅଧ୍ୟକ୍ଷ ତଥା ଜିଲା ଆଦିବାସୀ, ଦଳିତ ଉନ୍ନୟନ ପରିଷଦର ଉପସଭାପତି ଜୀବର୍ଦ୍ଧନ ବରିହା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଖେଳାଳିମାନଙ୍କୁ ପୁରସ୍କାର ବିତରଣ କରିଥିଲେ। ଫାଓ ରେଫରି ସୁବ୍ରତ ପୁରୋହିତ, ଶଶିକାନ୍ତ ଦାସିଆ, ଜିତେନ୍ଦ୍ରିୟ ଥନାପତି ଓ ରଞ୍ଜୁ ଛତରିଆ ଖେଳ ପରିଚାଳନା କରିଥିଲେ।


ମୁଖ୍ୟ ଅତିଥି ଖେଳାଳିମାନଙ୍କ ସହ ପରିଚିତ ହେଉଛନ୍ତି।


ଗଡଜାତ ଲୋକ ମହୋତ୍ସବରେ କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ସମ୍ବଲପୁରୀ ନାଚ,ଗୀତରେ ଦୁଲୁକିଲା ମଞ୍ଚ

ବୌଦ୍ଧ,୧୬।୧୨( ଅଜିତ କୁମାର ବାରିକ)

ହରଭଙ୍ଗା ବ୍ଲକ ବୀରନରସିଂହପୁର ହାଇସ୍କୁଲ ପଡିଆଠାରେ ଆରମ୍ଭ ହୋଇଥିବା ଗଡଜାତ ମହୋତ୍ସବ ଓ ପଲ୍ଲିଶ୍ରୀ ମେଳାର ଶନିବାର ଦ୍ୱିତୀୟ ଦିବସ ଥିଲା। ଗଡଜାତ ଲୋକ ମହୋତ୍ସବ କମିଟି ସଭାପତି ବିଶ୍ୱଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥିଭାବେ ପୁରୁଣାକଟକ ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ଚନ୍ଦ୍ର ତାରେଣିଆ ଓ ସମ୍ମାନିତ ଅତିଥିଭାବେ ସରସରା ସରପଞ୍ଚ ହରି ନାଏକ ଯୋଗଦେଇ କଳାକାରଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ ରାଜ୍ୟ ତଥା ରାଜ୍ୟ ବାହାରେ ଖ୍ୟାତି ଅର୍ଜନ କରିଥିବା କଳାକାର ସୁଶ୍ରୀ ପ୍ରାପ୍ତି ଆଚାର୍ଯ୍ୟ ଏବଂ ବିଂଗେଶନୀ ବାରିକଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ବଲପୁରୀ, ରସରକେଲୀ ନୃତ୍ୟରେ ଦର୍ଶକମାନେ ବିଭୋର ହୋଇ ନୃତ୍ୟ କରିଥିଲେ। ଦିନ ତମାମ ବରଗଡ ଧନୁଯାତ୍ରାର କଂସ ମହାରାଜ ଭୁବନେଶ୍ୱର ପ୍ରଧାନଙ୍କ ଦ୍ୱାରା ବିଭିନ୍ନ ଗ୍ରାମ ଭ୍ରମଣ ଓ ସଚେତନତା ବାର୍ତ୍ତା ପ୍ରଦାନ କରିବା ସହ ସନ୍ଧ୍ୟାରେ ରଙ୍ଗମଞ୍ଚରେ ଦର୍ଶକମାନଙ୍କୁ ଉତ୍ସାହିତ କରିଥିଲେ। ଶୁକ୍ରବାର ଏହି ମହୋତ୍ସବ ଉଦ୍‌ଘାଟିତ ହୋଇଥିବା ବେଳେ ବିରାଟ ସାଂସ୍କୃତିକ ଶୋଭାଯାତ୍ରାରେ ପୁରା ଜାତୀୟ ରାଜପଥ ଦୁଲୁକିପଡିଥିଲା। ଶୋଭାଯାତ୍ରାରେ ସଚେତନ ନାଗରିକ ଓ ଶତାଧିକ ସ୍ଥାନୀୟ ବାସିନ୍ଦା ସାମିଲ ଥିଲେ। ମହୋତ୍ସବକୁ ଆକର୍ଷଣୀୟ କରିବାକୁ ପଲ୍ଲିଶ୍ରୀ ମେଳା, ମିନାବଜାର, ଖାଦ୍ୟଷ୍ଟଲ ଖୋଲାଯାଇଛି। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ଦେବାଶିଷ ମହାକୁଡ, ପୂର୍ଣ୍ଣ ଗାଇ ଗୌରିଆ, ନରେନ୍ଦ୍ର ସାହୁ, ଲିଙ୍ଗରାଜ ମହାକୁଡ, ସୁଶାନ୍ତ ପାତ୍ର, ଜ୍ୟୋତି ଗାଇଗୌରିଆ, ରାକେଶ ମହାକୁଡ, ବିଜୟ କୁମାର ସାହୁ, ବିଘ୍ନରାଜ, ରାଜେଶ, ସୁଜ୍ଞାନ, ପୁରନ୍ଦର ଠେଲା ଓ ଦେବେନ୍ଦ୍ର ସାହୁ ପରିଚାଳନା କରିଥିଲେ।

## ସଂକ୍ଷେପରେ

### ସୁନାଗହଣା ଲୁଟ୍ ମାମଲା, ପୋଲିସ ହାତ ଖାଲି

ରାଉରକେଲା,୧୬।୧୨(ସଙ୍ଗୀତା ଜେନା): ରାଉରକେଲା ପ୍ଲାଣ୍ଟସାଇଟ୍ ଥାନା ଅଞ୍ଚଳରେ ସୁନାଦୋକାନ କର୍ମଚାରୀ ପ୍ରଦୀପ ସୋନୀଙ୍କୁ ଛୁରିରେ ଆକ୍ରମଣ କରି ୬୦ ଲକ୍ଷ ଟଙ୍କାର ସୁନାଗହଣା ଲୁଟ୍ ଘଟଣାକୁ ୩୬ ଘଣ୍ଟା ପୂରିଥିଲେ ମଧ ପୋଲିସ ଅଭିଯୁକ୍ତଙ୍କ ସୁରାକ୍ ପାଇନାହିଁ। ତେବେ ଘଟଣାଦିନ ପ୍ରଦୀପଙ୍କ ସହ ଥିବା ତାଙ୍କ ସହଯୋଗୀ ଅଭିରାଜ ସୋନୀ(ପ୍ରିନ୍ସ)ଙ୍କୁ ପୋଲିସ ଶନିବାର ପଚରାଉଚୁରା କରିଛି। ସେହିପରି ଦୋକାନ ମାଲିକ ଶମ୍ଭୁ ସାହୁ ଓ ଅନ୍ୟ କର୍ମଚାରୀଙ୍କୁ ମଧ୍ୟ ପଚରାଉଚୁରା କରାଯାଇଛି। ତେବେ ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନେ ଫେରାର ଥିବା ସନ୍ଦେହ କରାଯାଉଛି। ଏଥିରେ ଜଡ଼ିତ ପ୍ରତ୍ୟେକ ବ୍ୟକ୍ତିଙ୍କ କାର୍ଯ୍ୟକଳାପ ଉପରେ ଦୃଷ୍ଟି ରଖାଯାଇଛି। ଘଟଣାର ଅଭିଯୁକ୍ତମାନଙ୍କୁ ଶୀଘ୍ର ଧରାଯିବ ବୋଲି ପ୍ଲାଣ୍ଟସାଇଟ୍ ଥାନାର ତଦନ୍ତକାରୀ ଅଧିକାରୀ ଏସ୍. ଲାକ୍ରା ସୂଚନା ଦେଇଛନ୍ତି।

### ହାତୀ ମଣିଷ ଲଢେଇ ପରିଚାଳନା ସଚେତନତା କାର୍ଯ୍ୟକ୍ରମ

ଟେନ୍ସା,୧୬।୧୨(ସମୀର କୁମାର ପାଢୀ): ସୁନ୍ଦରଗଡ଼ ଜିଲା ବଣାଇଁ ବନଖଣ୍ଡ ହାତୀ ବଞ୍ଚାଅ ଫାଉଣ୍ଡେଶନ ଟ୍ରଷ୍ଟ ମିଳିତ ଆନୁକୂଲ୍ୟରେ କୋଇଡା ଫରେଷ୍ଟ ରେଞ୍ଜ ଅନ୍ତର୍ଗତ ସେଗାସାହିଠାରେ ଦୈନନ୍ଦିନ ଘଟୁଥିବା ହାତୀ ମଣିଷ ଲଢେଇ ନେଇ ସଚେତନତା କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ପିସିସିଏଫ୍ ତଥା ଲୋକାୟୁକ୍ତ ସଦସ୍ୟ ଦେବବ୍ରତ ସ୍ୱାଇଁ ଯୋଗଦେଇଥିଲେ। ଅନ୍ୟତମ ଅତିଥିଭାବେ ହାତୀ ସୁରକ୍ଷା ଫାଉଣ୍ଡେଶନ ଟ୍ରଷ୍ଟ ସଦସ୍ୟ ଜିତାଶତ୍ରୁ ମହାନ୍ତି, ରଜନୀକାନ୍ତ ଜେନା, ବଣାଇଁ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ର, କୋଇଡା ରେଞ୍ଜ ଅଧିକାରୀ ଗୌତମ ପ୍ରଧାନଙ୍କ ସହ ବିଭିନ୍ନ ଅଞ୍ଚଳର ବନାଞ୍ଚଳ ରେଞ୍ଜ ଅଧିକାରୀଗଣ,ବନ ବିଭାଗ କର୍ମଚାରୀ ଯୋଗଦେଇଥିଲେ। କାର୍ଯ୍ୟକ୍ରମ ସମ୍ବନ୍ଧୀୟ ସମସ୍ତ ବିବରଣୀ ସ୍ଥାନୀୟ ଗ୍ରାମବାସୀଙ୍କ ସମ୍ମୁଖରେ ପ୍ରଦାନ କରିବା ସହ ହାତୀ ସମ୍ବନ୍ଧୀୟ ଅସୁବିଧା ବିଷୟରେ ଗ୍ରାମବାସୀ ପ୍ରଶ୍ନ କରି ତାର ସମାଧାନ ଓ ପାଉଣା ସମ୍ବନ୍ଧୀୟ ସମସ୍ତ ବିବରଣୀ ପଚାରି ବୁଝିଥିଲେ। ଶେଷରେ ବନ ବିଭାଗ ଗଜସାଥୀ ସମେତ ସମସ୍ତ ଗ୍ରାମବାସୀ ଏ ଦିଗରେ ସହଯୋଗ ଲୋଡିବା ସହ କାର୍ଯ୍ୟକ୍ରମ ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପିୟୁଟିରେ ଗବେଷକ ସମ୍ମିଳନୀ



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ରାଉରକେଲା,୧୬।୧୨(ଦିନେଶ ମିଶ୍ର)

ରାଉରକେଲା ଛେଣ୍ଡସ୍ଥିତ ବିଜୁ ପଟ୍ଟନାୟକ ବୈଷୟିକ ବିଶ୍ୱବିଦ୍ୟାଳୟ (ବିପିୟୁଟି) ଅଡିଟୋରିୟମ୍ କକ୍ଷରେ ଗବେଷକ ସମ୍ମିଳନୀ-୨୦୨୩ ଶନିବାର ଉଦ୍‌ଯାପିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଆଶିଷ କୁମାର ଘୋଷ, ବୈଷୟିକ ଶିକ୍ଷା ବିଭାଗର ଅତିରିକ୍ତ ସଚିବ ଗଙ୍ଗାଧର ସାହୁ, ବିପିୟୁଟିର କୁଳପତି ପ୍ରଫେସର ଅମୀୟ କୁମାର ରଥ, ଭୁବନେଶ୍ୱର ଟ୍ରାଇଡେଣ୍ଟ ଏକାଡେମୀ ଅଫ ଟେକ୍ନୋଲୋଜିର ପ୍ରଫେସର ଡି. ଏନ୍. ପଟ୍ଟନାୟକ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ଗବେଷକମାନେ ଯୋଗଦେଇ ନୂତନ ଗବେଷଣା ମାଧ୍ୟମରେ କିଭଳି ଦେଶର ପ୍ରଗତି ହୋଇପାରିବ ତାହା ଉପରେ ଆଲୋଚନା କରିଥିଲେ। ପ୍ରଥମ ଅଧିବେଶନରେ ଏକାଡେମିକ ରିସର୍ଚ୍ଚ ଉପରେ ଦେଶ ବିଦେଶରେ କେଉଁସବୁ ନୂତନ ଗବେଷଣା ହୋଇଛି ତାହା ଉପରେ ଗବେଷକମାନେ ନିଜ ନିଜ ସନ୍ଦର୍ଭ ଉପସ୍ଥାପନ କରିଥିଲେ। ପରେ ଇଞ୍ଜିନିୟରିଂ, ମ୍ୟାନେଜମେଣ୍ଟ, ଫର୍ମାସୀ, କମ୍ପ୍ୟୁଟର ଆପ୍ଲିକେଶନ ଆଣ୍ଡ

### ଯୋଗଦେଲେ ବିଭିନ୍ନ ରାଜ୍ୟର ୧୯୨ ଗବେଷକ

ସାଇନ୍ସ ଓ ଆର୍କିଟେକ୍ଚର ବିଭାଗର ୧୯୨ ଗବେଷକ ଯୋଗଦେଇ ସେମାନଙ୍କ ସନ୍ଦର୍ଭ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମର ଦ୍ୱିତୀୟ ଅଧିବେଶନରେ ଭୁବନେଶ୍ୱର ସ୍ଥିତ ନାଇଜରର ନିର୍ଦ୍ଦେଶକ ପ୍ରଫେସର ହିତେନ୍ଦ୍ରନାଥ ଘୋଷ, ବିପିୟୁଟି କୁଳପତି ପ୍ରଫେସର ଅମୀୟ କୁମାର ରଥ, ବିଆଇଆଇଟିଏମ୍‌ର ଅଧ୍ୟକ୍ଷ ମିହିର ରଞ୍ଜନ ନାୟ, ଡେପୁଟି ରେଜିଷ୍ଟ୍ରାର ଡକ୍ଟର ଶୁଭେନ୍ଦୁ କୁମାର ରଥ, ସିଡିର ନିର୍ଦ୍ଦେଶକ ଡକ୍ଟର ସୁଜିତ କୁମାର ଖୁଣ୍ଟିଆ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପ୍ରଫେସର ବିଭୁଦେନ୍ଦୁ ପତି, ପ୍ରଫେସର ଦୀପ୍ତି ପଣ୍ଡା, ପ୍ରଫେସର ପି. କେ. ମହାନ୍ତି, ପ୍ରଫେସର ଆର. ଏନ୍. ସୁବୁଦ୍ଧି ପ୍ରମୁଖ ଉପସ୍ଥିତ ରହି ଗବେଷକମାନଙ୍କୁ ଗବେଷଣାର ବିଭିନ୍ନ ଦିଗ ଉପରେ ମାର୍ଗଦର୍ଶନ କରିଥିଲେ। ଏହି ଅବସରରେ ସନ୍ଦର୍ଭର ମୂଲ୍ୟାଙ୍କନ କରିଥିବା ବିଶେଷଜ୍ଞମାନଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ବିପିୟୁଟିର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ବିଜ୍ଞାନମେଳାରେ ୪୪ ପ୍ରକଳ୍ପ ପ୍ରଦର୍ଶିତ

ବଣାଇଁ,୧୬।୧୨(ପ୍ରଦୀପ ତ୍ରିପାଠୀ)

ବଣାଇଁ କନ୍ତଯୋଡି ବସ୍ତିରେ ଥିବା ଇଣ୍ଡୋ ଇଂରାଜୀ ବିଦ୍ୟାଳୟରେ କଳ୍ପନା ଚାୱଲା ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ପ୍ରିନ୍ସିପାଲ ସଂଘମିତ୍ରା ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ଦିବ୍ୟଶଙ୍କର ଜୟପୁରିଆ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ରାଉରକେଲା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ମଞ୍ଜୁ ମୁଖାର୍ଜୀ, ସବିତା ମିଶ୍ର ପ୍ରମୁଖ ଉପସ୍ଥିତ ରହି ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମିହିର ବରୁଣ ମୁଖାର୍ଜୀଙ୍କ ଫୋଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଏଥିରେ ଲହୁଣୀପଡା ଓ ବଣାଇଁ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଛାତ୍ରୀଛାତ୍ର ଯୋଗଦେଇ ୪୪ଟି ବିଭିନ୍ନ ପ୍ରକାରର ପ୍ରକଳ୍ପ ତିଆରି କରିଥିଲେ। ବିଚାରକ ଭାବେ କରେଇପୁଟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଛନ୍ଦା ଚରଣ ଉଗରା, ସିହିଡିଆ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅରୂପ କୁମାର ମହାପାତ୍ର ଯୋଗଦେଇ ବିଭିନ୍ନ ପ୍ରକଳ୍ପର ତଦାରଖ କରିଥିଲେ। ପରେ କଳ୍ପନା ଚାୱଲା ବିଜ୍ଞାନମେଳାରେ ଅଂଶଗ୍ରହଣ କରିଥିବା କୃତି ଛାତ୍ରୀଛାତ୍ରଙ୍କୁ ଅତିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର କାଉନସିଲର ଫିରୋଜ ଖାନ, ଶିକ୍ଷକ ଗିରିଧାରୀ ସାହୁ, ଶିକ୍ଷୟିତ୍ରୀ କିରଣ ବାଳା ଜେନା, ସଞ୍ଜୁକ୍ତା ନାଏକ, ଚନ୍ଦନା ରାଣୀ ସାହୁ, ମନିକା ସାହୁ, ଆଶା କୁମାରୀ, ରୁବି ସେନାପତି, ପୂର୍ଣ୍ଣିମା ରାଓ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।


ବିଜ୍ଞାନମେଳାରେ ଛାତ୍ରୀଛାତ୍ରମାନେ ପ୍ରକଳ୍ପ ପ୍ରଦର୍ଶିତ କରୁଛନ୍ତି।

# କୁହୁଡି ବଳୟରେ ଇସ୍ପାତ ସହର

ରାଉରକେଲା,୧୬।୧୨(ଦିନେଶ ମିଶ୍ର)

ରାଉରକେଲା ସହରରେ ଶୀତର ପ୍ରଭାବ ବଢ଼ିବାରେ ଲାଗିଛି। ସହରରେ ଗତ ୬ ତାରିଖରେ ବାତ୍ୟା ମିଗ୍‌ଜୋମ୍ ପ୍ରଭାବରେ ଚାରିଦିନ ଧରି ଲଗାଣ ବର୍ଷା ସାଙ୍ଗକୁ ପାଗ କୋହଲା ରହିଥିଲା। ସେତେବେଳେ ଶୀତ ଜଣାପଡୁ ନ ଥିଲା। କିନ୍ତୁ ବର୍ତ୍ତମାନ ଗତ ୩ ଦିନ ଭିତରେ ସହରରେ ଥଣ୍ଡାର ପ୍ରକୋପ ଦେଖିବାକୁ ମିଳୁଛି। ରାଉରକେଲା ସହରରେ ବିଶେଷ କରି ସନ୍ଧ୍ୟା ନଇଁଲାବେଳକୁ ଥଣ୍ଡାପବନ ସାଙ୍ଗକୁ ଶୀତ ମାଡ଼ିଆସୁଛି। ଅଧିକ ଥଣ୍ଡା ହେଉଥିବାରୁ ପ୍ରାୟ ରାତି ସାଢେ ୮ଟା ଭିତରେ ରାସ୍ତାଘାଟ ଶୁନ୍‌ଶାନ୍ ହୋଇଯାଉଛି। ସହରରେ ଗତ ଦୁଇଦିନ ତଳେ ପାରଦ ୧୩ ଡିଗ୍ରୀରେ ପହଞ୍ଚିଥିବାବେଳେ ଶୁକ୍ରବାର ରାତିରେ ଏହା ସର୍ବନିମ୍ନ ୧୧.୮ ଡିଗ୍ରୀକୁ ଖସିଥିବା ଜଣାପଡିଛି। ସେହିପରି ପ୍ରତ୍ୟେକ ଦିନ ସକାଳ ସମୟରେ ଘନ କୁହୁଡି ହେଉଛି। ଫଳରେ ଯାତାୟାତରେ ଲୋକଙ୍କୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। କୁହୁଡି ଯୋଗୁ ଗୁରୁବାର ପ୍ରାତଃ ସମୟରେ ଲେବରଟେନାମେଣ୍ଟର ଜଣେ ୯ ବର୍ଷର ବାଳକ ମର୍ନିଂ ୱାକ୍ ସାରି ଘରକୁ ଫେରୁଥିବାବେଳେ ରାସ୍ତାର ଗର୍ତ୍ତ ଦେଖି ନ ପାରି ରେଳ ଧାରଣାରେ ପଡି ମୃତ୍ୟୁବରଣ କରିଥିବା ଅଭିଯୋଗ ହୋଇଛି। ସହରରେ ରାତି ୩ଟାରୁ ସକାଳ ୮ଟା ପର୍ଯ୍ୟନ୍ତ କୁହୁଡି ପ୍ରଭାବ ରହୁଛି। ସେହିପରି ଶୀତ ଯୋଗୁ ବିଭିନ୍ନ ଛକ ସ୍ଥାନରେ ଲୋକେ ନିଆଁ ଜାଳୁଥିବା ଦେଖିବାକୁ ମିଳିଛି। ରାଉରକେଲା ଟାଉନଶିପ୍ ଅପେକ୍ଷା ସେକ୍ଟର ଅଞ୍ଚଳରେ ଅଧିକ ଥଣ୍ଡା ଅନୁଭୂତ ହେଉଛି। ଆରଏସ୍‌ପି ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଗତ ଗୁରୁବାର ତାପମାତ୍ରା ୧୩.୫ ଡିଗ୍ରୀ ଥିବାବେଳେ ଏହା ଶୁକ୍ରବାର ସର୍ବୋଚ୍ଚ ୨୬.୬ ଡିଗ୍ରୀ ଓ ସର୍ବନିମ୍ନ ୧୧.୮ ଡିଗ୍ରୀ ରହିଛି। ସେହିପରି ଶନିବାର ସର୍ବୋଚ୍ଚ ୨୭.୪ ଡିଗ୍ରୀ ରହିଥିବାବେଳେ ସର୍ବନିମ୍ନ ୧୧.୨ ଡିଗ୍ରୀ ରହିଛି। ଏଭଳି ସହରରେ ଆଗାମୀ କିଛିଦିନ ଧରି ଥଣ୍ଡାର ପ୍ରକୋପ ଜାରି ରହିବ ବୋଲି ପାଣିପାଗ ବିଭାଗ ପକ୍ଷରୁ ସୂଚନା ମିଳିଛି।


ରାଉରକେଲା ସହର ରାସ୍ତାରେ ଶନିବାର ସକାଳେ କୁହୁଡି ପଡିଛି।

### ସନ୍ଧ୍ୟାହେଲେ ଥଣ୍ଡା ପବନ ସାଙ୍ଗକୁ ହାଡଭଙ୍ଗା ଶୀତ ଜାରି

# ୨୮୦ ଠିକା ଶ୍ରମିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

ରାଉରକେଲା,୧୬।୧୨(ବିପ୍ଳବ ରଞ୍ଜନ ଦାଶ)

ଆରଏସପିର ନୂତନ ପ୍ଲେଟ ମିଲ ଅଞ୍ଚଳରେ କାର୍ଯ୍ୟରତ ୨୮୦ଜଣ ଠିକା ଶ୍ରମିକଙ୍କ ବିଭାଗୀୟ ସମ୍ମିଳନୀ କକ୍ଷରେ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି। ରାଜ୍ୟ କର୍ମଚାରୀ ବୀମା ନିଗମ ମଡେଲ ହସ୍ପିଟାଲ ଓ ଆଇଜିଏଚ ସହଭାଗିତାରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିବିରରେ ଉଭୟ ହସ୍ପିଟାଲର ଡାକ୍ତରମାନେ ଠିକା ଶ୍ରମିକମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ଆର୍‌ଏସ୍‌ପି ପ୍ଲେଟ ମିଲ ବିଭାଗ ସିଜିଏମ୍ ଏତୁଆ ଓରାମ ଓ ନୂତନ ପ୍ଲେଟ ମିଲ ବିଭାଗର ଜିଏମ୍ ରାମଶଙ୍କର ଶର୍ମା ଶିବିର ପରିଦର୍ଶନ କରିଥିଲେ। ସେହିପରି ସିଆଇଏସ୍, ଟିଏମ୍‌ଏମ୍, ପ୍ରୋଜେକ୍ଟ ଓ ସିଏଲ୍‌ସି ବିଭାଗର ମହାପ୍ରବନ୍ଧକ ସଞ୍ଜୟ ମାଲହୋତ୍ରା ସ୍ୱାସ୍ଥ୍ୟ ଶିବିର ଉପରେ ସୂଚନା ଦେଇଥିଲେ। ସ୍ୱାସ୍ଥ୍ୟ ପରୀକ୍ଷା ପରେ ଶ୍ରମିକମାନଙ୍କୁ ଆବଶ୍ୟକ ଔଷଧ ବିତରଣ କରାଯାଇଥିଲା। ଆର୍‌ଏସ୍‌ପି କାର୍ମିକ ଠିକା ଶ୍ରମିକ ସେଲ୍‌ର ସିନିୟର ମ୍ୟାନେଜର ସୁଶ୍ରୀ ସଙ୍ଗିତା ମାରିଆ ସିନ୍ଦୁର ଓ ବିଭାଗୀୟ ଦଳ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ୩୨ ବନ କର୍ମଚାରୀଙ୍କୁ ଶୀତବସ୍ତ୍ର ବଣ୍ଟନ

ରାଉରକେଲା/ଲାଠିକଟା,୧୬।୧୨ (ଦିନେଶ ମିଶ୍ର/ରାମେଶ୍ୱର ଖାଡେଙ୍ଗା)

ଲାୟନ୍ସ କ୍ଲବ ଅଫ ରାଉରକେଲା-ବେଦବ୍ୟାସ ଗ୍ରେଟର ପକ୍ଷରୁ ବନ ବିଭାଗ କର୍ମଚାରୀଙ୍କୁ ଶନିବାର କମ୍ବଳ ବଣ୍ଟନ କରାଯାଇଛି। ବନ ବିଭାଗ ଅଧିକାରୀ ଯଶବନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଏହା ବଣ୍ଟନ କରାଯାଇଥିଲା। ଲାୟନ୍ସ କ୍ଲବ ଇଣ୍ଟରନ୍ୟାଶନାଲ ପୂର୍ବତନ ଜିଲା ଗଭର୍ଣ୍ଣର ରାକେଶ କୁମାର ସିଂ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ରାଉରକେଲା ବନ ବିଭାଗରେ କାର୍ଯ୍ୟରତ ୩୨ ବନ କର୍ମଚାରୀଙ୍କୁ କମଳ ବିତରଣ କରାଯାଇଥିଲା। ବିତରଣ ସମୟରେ କ୍ଲବ ସଭାପତି ଲାୟନ ପ୍ରକାଶ ଚନ୍ଦ୍ର ଧଳ, ସନତ ପ୍ରଧାନ, କିରଣ ପ୍ରସାଦ ମେହେର, ରାଜା ରାମ ସିଂଘାନିଆ, ପ୍ରମୋଦ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।


ବନ କର୍ମଚାରୀଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି।

# କବାଡ଼ି,ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ

ବଡ଼ଗାଁ,୧୬।୧୨(ଅଶୋକ ଷଡ଼ଙ୍ଗୀ): ସୁନ୍ଦରଗଡ ଜିଲା ବଡ଼ଗାଁ ପଞ୍ଚାୟତ ସମିତି ଦ୍ୱାରା ନୂଆଁ ଓ ଯୁବ ଓଡ଼ିଶା ଆନୁକୂଲ୍ୟରେ ଚାଲିଥିବା କ୍ରୀଡା ମହୋତ୍ସବର କ୍ରିକେଟ ମ୍ୟାଚ ଶେଷ ହୋଇଥିବାବେଳେ ଶନିବାର କବାଡି ଓ ଖୋଖୋ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ପୁରୁଷ କବାଡିରେ ୮ଟି ଟିମ୍ ଓ ଖୋଖୋରେ ୯ଟି ଟିମ୍ ଅଂଶଗ୍ରହଣ କରିଥିଲେ। କବାଡି ଫାଇନାଲ ମ୍ୟାଚ ଏସବି ଷ୍ଟାର ବଏଜ ଓ ଫାଇଟର୍ କ୍ଲବ ମଧ୍ୟରେ ହୋଇଥିଲା। ଏଥିରେ ଏସବି ଷ୍ଟାର ଚାମ୍ପିୟନ ହୋଇଥିଲା। ଖୋଖୋରେ ଲେଲେପଡା ଚାମ୍ପିୟନ ହୋଇଥିବାବେଳେ ବାଳିକା ଖୋଖୋରେ ପାମରା ଟିମ୍‌କୁ ହରାଇ ବରଙ୍ଗାକଛାର ଟିମ୍ ଚାମ୍ପିୟନ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ବିଡିଓ ସୁମତି ପଣ୍ଡା, ସହକାରୀ ଯନ୍ତ୍ରୀ ସୁନିଲ ମୁର୍ମୁ, ଏପିଓ ତପନ କୁମାର ପୂଜାରୀ, କନିଷ୍ଠ ଯନ୍ତ୍ରୀ ଲୋଚନ ପ୍ରଧାନ, ଜିଆର୍‌ଏସ ଅସିତ ପାଣିଗ୍ରାହୀଙ୍କ ସହିତ ମେଟ୍ ମାନେ ଉପସ୍ଥିତ ରହି ଖେଳ ପରିଚାଳନାରେ ସହଯୋଗ କରିଥିଲେ। ସରକାରୀ ଉଚ୍ଚ ବିଦ୍ୟାଳୟର ପିଇଟି ପ୍ରଭାତ କୁମାର ଦ୍ୱାରୀ, ମୂରଲୀଧର ବେହେରା, ଚିତ୍ତରଞ୍ଜନ ଡାକୁଆ, ଅମିତ କୁମାର୍ ମହାରଣା, ଉଗ୍ରସେନ ବେହେରା, ରଞ୍ଜନ କୁମାର ବସନ୍ତରା, କାଦମ୍ବିନୀ ପଟେଲ, ମିଳନ ମଞ୍ଜରୀ ନାଏକ ଖେଳ ପରିଚାଳନା କରିଥିଲେ।

# ରେଳ କର୍ମଚାରୀ ସଂଘର ୩୬ ଟିମ୍ ରାଉରକେଲା ପହଞ୍ଚିଲା


ରାଉରକେଲା ଷ୍ଟେଶନରେ ଟିମ୍‌ଗୁଡ଼ିକୁ ସ୍ୱାଗତ କରାଯାଉଛି।

ରାଉରକେଲା,୧୬।୧୨(ସଙ୍ଗୀତା ଜେନା)

ସର୍ବଭାରତୀୟ ରେଳ କର୍ମଚାରୀ ସଂଘ 'ଭିସିଆର୍‌ସି'ର ୩୬ଟି ଟିମ୍ ଶନିବାର ରାଉରକେଲାରେ ପହଞ୍ଚିଛନ୍ତି। ଏହି ଅବସରରେ ଟିମ୍‌ଗୁଡ଼ିକୁ ଷ୍ଟେଶନରେ ସ୍ୱାଗତ କରାଯାଇଥିଲା। ୟୁନାଇଟେଡ୍ ସାଉଥ୍ ଇଷ୍ଟର୍ନ ରେଲୱେ ଓ ଭିସିଆର୍‌ସିର ମିଳିତ ଆନୁକୂଲ୍ୟରେ ୧୧ତମ ଭେଲୋସିଟି ରାଉରକେଲା କ୍ରିକେଟ୍ ଓ ବ୍ୟାଡମିଣ୍ଟନ୍ ବନ୍ଧୁତାପୂର୍ଣ୍ଣ ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଆସନ୍ତା ୧୭ରୁ ୨୦ ତାରିଖ ପର୍ଯ୍ୟନ୍ତ ସେକ୍ଟର-୬ ଇସ୍ପାତ ଷ୍ଟାଡ଼ିୟମ୍, ଡିଏଭି ମଇଦାନ, ଜିମ୍ ଖାନା, ସେକ୍ଟର-୨୦ ରାଇଜିଂ କ୍ଲବ, ଆର୍‌ୱାଇସିସି କ୍ଲବ ଆଦି ୫ଟି ପ୍ରମୁଖ କ୍ଲବ ଦ୍ୱାରା କରାଯିବ । ପ୍ରତ୍ୟେକ ଦିନ ୬ଟି ଲେଖାଏଁ ମ୍ୟାଚ୍ କରାଯାଇ ବିଜୟୀ ଦଳକୁ ଟ୍ରଫି ପ୍ରଦାନ କରାଯିବ ବୋଲି ମୁଖ୍ୟ ଆୟୋଜକ ତଥା ସ୍ଥାନୀୟ ସଂଘ କର୍ମକର୍ତ୍ତା ନବନୀତ ମିଶ୍ର ସୂଚନା ଦେଇଛନ୍ତି।

# କଲେଜର ନୂତନ ଅଧ୍ୟକ୍ଷଙ୍କୁ ସମ୍ବର୍ଦ୍ଧନା

ରାଉରକେଲା,୧୬।୧୨(ସଙ୍ଗୀତା ଜେନା)

ରାଉରକେଲା ମ୍ୟୁନିସିପାଲ କଲେଜର ନୂତନ ଅଧ୍ୟକ୍ଷ ଭାବେ ଅଜୟ ମିଶ୍ର ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ କଲେଜ ଆଲୁମିନି ଆସୋସିଏଶନ ପକ୍ଷରୁ ପ୍ରାକ୍ତନ ଛାତ୍ର ସୁନୀଲ କୟାଲ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ। ତେବେ କଲେଜର ସାମୂହିକ ବିକାଶ ପାଇଁ ସେ ପ୍ରତିଶ୍ରୁତିବଦ୍ଧ ବୋଲି ମିଶ୍ର କହିଥିଲେ। ଅଜୟ ପ୍ରଧାନ, ଚଞ୍ଚଲ କେଡ଼ିଆ, ସୁଶାନ୍ତ ରାଉତ, ଦିଲୀପ ଶର୍ମା, ରାଜେଶ ବାନାର୍ଜୀ, ରାଜଲକ୍ଷ୍ମୀ ଦାସ, ଦୁଷ୍ମନ୍ତ ରାଉତରାୟଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।


ଆଲୁମିନି ଆସୋସିଏଶନ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଉଛି।

# ଭ୍ରାମ୍ୟମାଣ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟିତ

ରାଉରକେଲା,୧୬।୧୨(ଦିନେଶ ମିଶ୍ର)

ଚିତ୍ରକଳାର ପ୍ରଚାର ଓ ପ୍ରସାର ପାଇଁ ଲଳିତକଳା ଏକାଡେମୀ ଦ୍ୱାରା ସଂଗୃହୀତ ବହୁ ବରିଷ୍ଠ ଓ ଯୁବଶିଳ୍ପୀଙ୍କ ଚିତ୍ରକଳାଗୁଡିକୁ ନେଇ ରାଉରକେଲା ଆମ୍ବାଗାନଠାରେ ଭ୍ରାମ୍ୟମାଣ ପ୍ରଦର୍ଶନୀର ଶୁଭାରମ୍ଭ ହୋଇଛି। ପାନପୋଷ ଉପଜିଲାପାଳ ବିଜୟ କୁମାର ନାୟକ ଏବଂ ଆରଏସ୍‌ପି ସିଜିଏମ୍ ପ୍ରତାପ କୁମାର ସ୍ୱାଇଁ ଏହାକୁ ଉଦ୍‌ଘାଟନ କରିବା ସହ ଚିତ୍ରକଳା ପ୍ରଦର୍ଶନୀ ବୁଲି ଦେଖିଥିଲେ। ଓଡିଶା ଲଳିତ କଳା ଏକାଡେମୀ, ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଓ ସୁନ୍ଦରଗଡ଼ ପ୍ରଶାସନର ମିଳିତ ଆନୁକୂଲ୍ୟରେ ଏହାର ଆୟୋଜନ କରାଯାଇଛି। ଉପଜିଲ୍ଲାପାଳ ନାୟକ ଏହି ଅବସରରେ କହିଥିଲେ, ଏହି ଭ୍ରାମ୍ୟମାଣ ପ୍ରଦର୍ଶନୀ ଦ୍ୱାରା ରାଜ୍ୟର କୋଣ ଅନୁକୋଣର ପ୍ରତିଷ୍ଠିତ ଶିଳ୍ପୀମାନଙ୍କ ଚିତ୍ରକଳା ରାଜ୍ୟର ଜନସାଧାରଣ, କଳାପ୍ରେମୀ, ଛାତ୍ରୀଛାତ୍ରମାନେ ଦେଖିବାର ସୁଯୋଗ ପାଇବେ। ପ୍ରତ୍ୟେକ ଜିଲ୍ଲାରେ କଳାର ପ୍ରଚାର ପ୍ରସାର ହୋଇପାରିବ। ଲଳିତ କଳା ଏକାଡେମୀ ସଦସ୍ୟ ଅକ୍ଷୟ କୁମାର ସାମଲ, ସୁନ୍ଦରଗଡ ଜିଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ରାଉରକେଲା ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସୀମା ଫାତିମା ଏକ୍କା, ଡା. ପ୍ରଭାତ ମଲ୍ଲିକ, ଚିତ୍ରଶିଳ୍ପୀ ପ୍ରତାପ ପଟ୍ଟନାୟକ, ରିନୁ ପ୍ରଧାନ, ସସ୍ମିତା ପଟ୍ଟନାୟକ, ବନିତା ପୁରୋହିତ, ଦେବସ୍ମିତା ନାୟକ, ରଶ୍ମିରେଖା ଧଳ, ଦିଲୀପ ଦାଶ, ରାଜୀବ ନାୟକ, ସୁଜିତ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ପ୍ରଦର୍ଶନୀରେ ରାଉରକେଲାର ଚିତ୍ରଶିଳ୍ପୀ ଗୋକୁଳାନନ୍ଦ ଦାଶ, ଦେବେନ୍ଦ୍ର ମହାରଣା ଓ ଅନିରୁଦ୍ଧ ସାହୁଙ୍କ ସମେତ ଅନ୍ୟ ଜିଲାର ୪୦ଟି ଚିତ୍ରଶିଳ୍ପୀମାନଙ୍କ ଚିତ୍ରକଳା ସ୍ଥାନ ପାଇଛି। ଏହା ଆସନ୍ତା ୧୮ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲା ରହିବ ବୋଲି ଜଣାପଡିଛି।


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

# ୧୫ ମହିଳାଙ୍କୁ ଅତ୍ୟାଧୁନିକ ସଲେଇ ମେଶିନ ବଣ୍ଟନ

କୁତ୍ରା,୧୬।୧୨(ଦେବାଶିଷ ସାହୁ)


ଅତିଥିଙ୍କ ଗ୍ରହଣରେ ଅତ୍ୟାଧୁନିକ ସିଲେଇ ମେଶିନ ବଣ୍ଟନ କରାଯାଇଥିବା ମହିଳା।

ସୁନ୍ଦରଗଡ ଜିଲା କୁତ୍ରା ବ୍ଲକ ତେଲିଘଣାଠାରେ ଅବସ୍ଥିତ ଜେଏସଡବ୍ଲ୍ୟୁ ଶିବା ସିମେଣ୍ଟର ସିଏସଆର୍ ବିଭାଗ ପକ୍ଷରୁ ମହିଳା ସଶକ୍ତିକରଣ ନିମନ୍ତେ ସିଲେଇ ତାଲିମ ପ୍ରଦାନ ପରେ ଶନିବାର ୧୫ଟି ଅତ୍ୟାଧୁନିକ ସିଲେଇ ମେଶିନ ବଣ୍ଟନ କରାଯାଇଛି। ଏହି ଅବସରରେ କାରଖାନା ପରିସରରେ ଅନୁଷ୍ଠିତ ଏକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଥାନା ଅଧିକାରୀ ମନୋରଞ୍ଜନ ବିଶି ଯୋଗଦେଇ ମହିଳାଙ୍କୁ ସିଲେଇ ମେଶିନ ଓ ଆବଶ୍ୟକ କିଟ୍ ବଣ୍ଟନ କରିବା ସହ ଶିବା ସିମେଣ୍ଟ ସିଏସଆର୍ ବିଭାଗର ଏଭଳି କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଆଗକୁ ମଧ ଏଭଳି ପ୍ରୋତ୍ସାହନ ଦେବା ସହିତ ତାଙ୍କ ଉତ୍ପାଦିତ ଜିନିଷ ଗୁଡିକୁ ମାର୍କେଟିଂ କରିବା ବ୍ୟବସ୍ଥା କଲେ ଆହୁରି ସେମାନେ ସୁଦୃଢ ହୋଇ ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥିଭାବେ ଶିବା ସିମେଣ୍ଟ ୟୁନିଟ ମୁଖ୍ୟ ଅନିଲ କୁମାର ମିଶ୍ର ଯୋଗଦେଇ ଏହି ଅଞ୍ଚଳର ବହୁମୁଖୀ ବିକାଶ ପାଇଁ କାରଖାନାର ସିଏସଆର୍ ବିଭାଗ ବିଭିନ୍ନ ଯୋଜନା ମାଧ୍ୟମରେ ବଦ୍ଧପରିକର ବୋଲି କହିଥିଲେ। ଅନ୍ୟତମ ସମ୍ମାନିତ ଅତିଥି ଶିବା କନ୍ଦେଇମୁଣ୍ଡା ସରପଞ୍ଚ ସୁଧୀର ମିଞ୍ଜ ଯୋଗଦେଇ ଜେଏସଡବ୍ଲ୍ୟୁ ସିମେଣ୍ଟ ପକ୍ଷରୁ ହୋଇଥିବା ପ୍ରଶିକ୍ଷଣ କେନ୍ଦ୍ରରେ ତାଲିମ ନେଉଥିବା ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ସାମଗ୍ରୀର ବିକ୍ରି ପାଇଁ ଏକ କେନ୍ଦ୍ର ନିର୍ମାଣ ହୋଇପାରିଲେ ସେମାନେ ଆର୍ଥିକ ଭାବେ ସ୍ୱଚ୍ଛଳ ହୋଇପାରନ୍ତେ ବୋଲି ପ୍ରକାଶ କରିଥିଲେ। ଅନ୍ୟାନ୍ୟ ସମ୍ମାନିତ ଅତିଥିଭାବେ ଶିବା ସିମେଣ୍ଟ ଅପରେଶନ ବିଭାଗ ମୁଖ୍ୟ ଅନିଲ ସିଂହ, ଏଚଆର ମୁଖ୍ୟ କୌଶିକ ସେନଗୁପ୍ତା, ଫାଇନାନ୍ସ ବିଭାଗ ମୁଖ୍ୟ ପ୍ରଶାନ୍ତ ପ୍ରଧାନ, ଜମି ସଂକ୍ରାନ୍ତୀୟ ଅଧିକାରୀ ସୁନିଲ କୁମାର ନାଥ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ସିଏସଆର୍ ବିଭାଗ ମୁଖ୍ୟ ସଂଗ୍ରାମ କେଶରୀ ରାଉତ ପରିଚାଳନା କରିବା ସହ ଗତ ୪ ବର୍ଷ ଧରି ସିଏସଆର୍ ବିଭାଗ ପକ୍ଷରୁ ସିଲେଇ କେନ୍ଦ୍ର ସ୍ଥାପନ କରାଯାଇଥିବା ବେଳ ୭୮ ଜଣ ପ୍ରଶିକ୍ଷଣ ଗ୍ରହଣ କରିଥିବା ମହିଳାଙ୍କୁ ସଲେଇ ସମ୍ବନ୍ଧିୟ କିଟ, ମାନ ପତ୍ର ଏବଂ ୧୫ ମହିଳାଙ୍କୁ ଅତ୍ୟାଧୁନିକ ସିଲାଇ ମେଶିନ ବଣ୍ଟନ କରାଯାଇଛି। କାର୍ଯ୍ୟକ୍ରମ ପରିଚାଳନାରେ ସିଏସଆର୍ ଅଧିକ୍ଷକ ଅଲେଖ ଦଳାଇ ଏବଂ ଲିମାରୋଜ ଲାକଡା ସହଯୋଗ କରିଥିଲେ। ସିଲେଇ ପ୍ରଶିକ୍ଷଣ ଦେଉଥିବା ପ୍ରଣତି ଏକ୍କା ଏଠାରେ ଚାଲିଥିବା ପ୍ରଶିକ୍ଷଣ କେନ୍ଦ୍ର ସଂପର୍କରେ ସୂଚନା ଦେଇଥିଲେ।

## ଆଜି କ'ଣ କେଉଁଠି

**ସମ୍ବଲପୁର**

- ଲୋକ ମହୋତ୍ସବ କମିଟି ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା, ବୀର ସୁରେନ୍ଦ୍ର ସାଏ ଇନ୍‌ଡୋର ହଲ, ପୂର୍ବାହ୍ନ ୯ଟା
- ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଆଲୋଚନାଚକ୍ର, ଦାନିବନ୍ଧ ନିକଟ ଶିବଦର୍ଶନ ଭବନ, କୁମ୍ଭାରପଡା
- ମହାନଗର ନିଗମ ପକ୍ଷରୁ କବାଡି ଓ ଖୋଖୋ ପ୍ରତିଯୋଗିତା, ମନ୍ଦଲିଆ ଖେଳପଡିଆ, ସକାଳ ୮ଟା
- ଗୀତା ଆବୃତ୍ତି ପ୍ରତିଯୋଗିତା, ଧନୁପାଲି ସରସ୍ୱତୀ ଶିଶୁବିଦ୍ୟାମନ୍ଦିର, ପୂର୍ବାହ୍ନ ୧୦ଟା
- ରାମସୀତାଙ୍କ ବିବାହ ଉତ୍ସବ, ବୃନ୍ଦହିଲସ୍ଥିତ ରାମ ମନ୍ଦିର, ମଧ୍ୟାହ୍ନ ୧୨ଟା

## ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ କ୍ରୀଡ଼ା ପ୍ରତିଯୋଗିତା

**ସମ୍ବଲପୁର,୧୬।୧୨(ବି.ଶଙ୍କର):** ସମ୍ବଲପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରଠାରେ ତ୍ରିଦିବସୀୟ କ୍ରୀଡ଼ା ପ୍ରତିଯୋଗିତା ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସଭାରେ ଅନୁଷ୍ଠାନର ମ୍ୟାନେଜିଂ ଟ୍ରଷ୍ଟି କୃଷ୍ଣଚନ୍ଦ୍ର ବାବୁ, ସ୍କୁଲ କମିଟି ସମ୍ପାଦକ ମନୋରଞ୍ଜନ ପଟ୍ଟନାୟକ, ଯୁଗ୍ମସମ୍ପାଦକ ଉଦିତ ପ୍ରସାଦ ବାବୁ, ପ୍ରଫୁଲ୍ଲ କୁମାର ପଣ୍ଡା ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରିଥିଲେ। ଶିକ୍ଷାନୁଷ୍ଠାନର ଉପାଧ୍ୟକ୍ଷ ବ୍ରଜ କିଶୋର ହୋତା, କ୍ରୀଡ଼ା ଶିକ୍ଷକ ଆନନ୍ଦ ମିଶ୍ରଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମ ହୋଇଥିଲା। ସୁବାସ ଚନ୍ଦ୍ର ପାଣିଗ୍ରାହୀ, ଅଧ୍ୟକ୍ଷ ଅଜିତ କୁମାର ଦାସ, ପରିଚାଳନା କମିଟି ସଦସ୍ୟ ଅରବିନ୍ଦ ମହାପାତ୍ର ସହଯୋଗ କରିଥିଲେ। ୧୩ ତାରିଖରୁ ଶିକ୍ଷାକେନ୍ଦ୍ର ଖେଳପଡିଆ ଓ ହାୱା ମଇଦାନରେ ପ୍ରତିଯୋଗିତା ହୋଇଥିଲା।

## ରାମସୀତାଙ୍କ ବିବାହ ପାଇଁ ନିର୍ବନ୍ଧ ସମ୍ପନ୍ନ

**ସମ୍ବଲପୁର,୧୬।୧୨ (ଭବାନୀ ଶଙ୍କର ଭୋଇ):** ସମ୍ବଲପୁର ବୃନ୍ଦହିଲ ରାମ ମନ୍ଦିରରେ ଶ୍ରୀରାମ ଓ ମାତା ସୀତାଙ୍କ ବିବାହ ପାଇଁ ଶନିବାର ନିର୍ବନ୍ଧ ସମ୍ପନ୍ନ ହୋଇଛି। ଏହି ଅବସରରେ ରାମ ମନ୍ଦିରରୁ ଶୋଭାଯାତ୍ରା ବାହାରି ପିଡବ୍ଲୁଡି ଛକ ଓ ଜିଲାସ୍କୁଲ ଛକ ଦେଇ ପୁଣି ରାମମନ୍ଦିରକୁ ଫେରିଥିଲା। ଶୋଭାଯାତ୍ରାରେ ଶ୍ରୀରାମଙ୍କ ମାତାପିତା ବାଣୀ ବେହେରା ଓ ରାଜେଶ ବେହେରା, ପରିବାର ସଦସ୍ୟ, ମହିଳା ସତ୍‌ସଂଗର ସଦସ୍ୟା, ନାରୀଶକ୍ତିର ସଦସ୍ୟା ପ୍ରମୁଖ ସାମିଲ ହୋଇଥିଲେ । ସେଠାରେ ମାତା ସୀତାଙ୍କର ମାତାପିତା ଭାଗ୍ୟଲକ୍ଷ୍ମୀ ସରାଫ ଓ ଦେବେନ୍ଦ୍ର ନାଥ ସରାଫ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହାପରେ ନିର୍ବନ୍ଧ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା।

# ଦୁର୍ଘଟଣାର କାରଣ ବୁଲା ଗୋରୁ, କୁକୁର

**ବୁଲା ଗୋରୁଗଙ୍କ ନିୟନ୍ତ୍ରଣ ପାଇଁ ବ୍ୟବସ୍ଥା କରାଯାଉଛି, କୁକୁର ବନ୍ଧ୍ୟାକରଣ ଉପରେ କଟକଣା ରହିଛିଃ ମହାନଗର ନିଗମ ଆୟୁକ୍ତ**



ସମ୍ବଲପୁର ରିଂରୋଡ୍‌ରେ ଗୋରୁପଲ।

**ସମ୍ବଲପୁର,୧୬।୧୨ (ଭବାନୀ ଶଙ୍କର ଭୋଇ)**

ସମ୍ବଲପୁର ସହରର ଅଧିକାଂଶ ରାସ୍ତାଘାଟରେ ବୁଲା ଗୋରୁ ଓ କୁକୁରଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳୁଛି। ଏମାନଙ୍କ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ଧନଜୀବନ ହାନି ହେଉଛି। ସମ୍ବଲପୁରର ମନ୍ଦଲିଆ, ରିଂରୋଡ, ଜାତୀୟ ରାଜପଥ, ଲକ୍ଷ୍ମୀଡୁଙ୍ଗୁରୀ, ଚାରଭାଟି, କୁମ୍ଭାରପଡା, ଜେଲଛକ ଆଦି ଅଞ୍ଚଳରେ ଗୋରୁ ପଲ ଠିଆହୋଇଥିବା ନଜରକୁ ଆସିଥାଏ। ସମୟେ ସମୟେ ସେମାନେ ରାସ୍ତାରେ ଏପଟସେପଟ ମଧ୍ୟ ହୋଇଥାନ୍ତି। ଏପରି ସମୟରେ ଗାଡି ଚାଳକ ଦୁର୍ଘଟଣାର ସମ୍ମୁଖୀନ ହେବା ସ୍ୱାଭାବିକ। ଏଥିରେ ସାଧାରଣ ଲୋକଙ୍କ ମୃତ୍ୟୁ ଘଟିଥାଏ କିମ୍ବା ଗୁରୁତର ହୋଇ ମେଡିକାଲରେ ଭର୍ତ୍ତି ହୋଇଥାନ୍ତି। ସହରର ବିଭିନ୍ନ ସ୍ଥାନରେ ଗୋପାଳକମାନେ କ୍ଷୀର ଦେଉ ନ ଥିବା ଗାଈଙ୍କୁ ବାହାରେ ଛାଡିଦେଉଥିବା ଅଭିଯୋଗ ହୋଇଥାଏ। ସେମାନଙ୍କ ପାଇଁ ସହରର ଟ୍ରାଫିକ ସମସ୍ୟାଠାରୁ ଆରମ୍ଭ କରି ଦୁର୍ଘଟଣା ଘଟୁଛି। ଟ୍ରାଫିକ ସମସ୍ୟା ଏଡ଼ାଇବା ପାଇଁ ମହାନଗର ନିଗମ ପକ୍ଷରୁ ବୁଲା ଗୋରୁଙ୍କୁ ଆଣି ମୁଦିପଡାଠାରେ ଥିବା କାଞ୍ଜିଆ ହୁଦାରେ ରଖାଯାଉଥିଲା। ପରେ ଗାଈର ମାଲିକ ପରିଚୟ ଦେବା ସହ ଜରିମାନା ଅର୍ଥଦେଇ ନିଜ ଗାଈ ନେଉଥିଲେ। ଏହାଦ୍ୱାରା ଗୋପାଳକ ବାହାରକୁ ଗାଈ ଛାଡିବାର ଭୟ ରହୁଥିଲା। ଏହା ଏବେ ଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହେଉନାହିଁ। ସେହିପରି ସହରର ବିଭିନ୍ନ ରାସ୍ତାରେ ବୁଲା କୁକୁରଙ୍କ ମେଳି ଦେଖାଯାଏ। ଏମାନଙ୍କୁ ଯୋଗୁ ଅନେକ ସମୟରେ ଦୁର୍ଘଟଣା ଘଟି ଲୋକେ ମୃତ୍ୟୁମୁଖରେ ପଡୁଛନ୍ତି। ବୁଲା କୁକୁରଙ୍କୁ ଆଗରୁ ପ୍ରଶାସନ ପକ୍ଷରୁ ବନ୍ଧ୍ୟାକରଣ କରାଯାଇ ନିୟନ୍ତ୍ରଣ କରାଯାଉଥିଲା। ହେଲେ ଏହି କାର୍ଯ୍ୟକ୍ରମ ଏବେ ବନ୍ଦ ରହିଛି।

### ଏମାନେ ଯାହା କୁହନ୍ତି...



" ମହାନଗର ନିଗମ ପକ୍ଷରୁ ଗୋରୁ ଛାଡୁଥିବା ଲୋକଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଦରକାର। ରାସ୍ତାରେ ବୁଲୁଥିବା ସମସ୍ତ ଗୋରୁଙ୍କୁ ଗୋଶାଳା କିମ୍ବା ଗାଁ ଗହଳିର ଗୋପାଳକଙ୍କୁ ପ୍ରଦାନ କରାଯିବା ଜରୁରୀ। ଏହାସହ କୁକୁରମାନଙ୍କ ବନ୍ଧ୍ୟାକରଣ କରାଯାଇ ନିୟନ୍ତ୍ରିତ କରାଯିବା ଆବଶ୍ୟକ।

**– ଲଳିତ ମୋହନ ବେବର୍ତ୍ତା, ସାକ୍ଷୀପଡ଼ା ବାସିନ୍ଦା**



" ରାଜପଥରେ କୌଣସି ଗୋରୁ ଦୁର୍ଘଟଣାଗ୍ରସ୍ତ ହେଲେ ପ୍ରାଣୀଚିକିତ୍ସା ବିଭାଗ ସେମାନଙ୍କର ଆଶୁ ଚିକିତ୍ସା କରି ଗୋଶାଳାରେ ଆଣି ଛାଡି ଦେଇଥାନ୍ତି। ଆମ କାହ୍ନା ଗୋଶାଳାରେ ରାଜପଥରେ ଦୁର୍ଘଟଣାଗ୍ରସ୍ତ ଅନେକ ଗାଈ ରହିଛନ୍ତି। ଆମେ ସେମାନଙ୍କ ଯତ୍ନ ନେଇ ସୁସ୍ଥ କରୁଛୁ। ହେଲେ ଅନେକ ଗୋରୁ ଗୋଡ଼ ହରାଇ କଷ୍ଟ ପାଇଥାନ୍ତି। ତେଣୁ ଦୁର୍ଘଟଣା ଗ୍ରସ୍ତ ଗୋରୁଙ୍କ ଚିକିତ୍ସା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯିବା ଦରକାର।

**–କ୍ଷୀରେଶ୍ୱର ପ୍ରଧାନ, କାହ୍ନା ଗୋଶାଳା, ସମ୍ବଲପୁର**

" ବର୍ଷା ସମୟରେ ସବୁଠାରୁ ବେଶି ଗୋରୁ ଦୁର୍ଘଟଣାର ଶିକାର ହୋଇଥାନ୍ତି। ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କ ପାଇଁ ସରକାରଙ୍କ ପକ୍ଷରୁ ଭ୍ରାମ୍ୟମାଣ ପ୍ରାଣୀ ଚିକିତ୍ସା ଆମ୍ବୁଲାନ୍ସ ବ୍ୟବସ୍ଥା ରହିଛି। ଲୋକେ ଦୁର୍ଘଟଣାଗ୍ରସ୍ତ ଗୋରୁଙ୍କ ଚିକିତ୍ସା ପାଇଁ ୧୯୬୨ ନମ୍ବରରେ ଜଣାଇଲେ ଆମ୍ବୁଲାନ୍ସ ପହଞ୍ଚି ଚିକିତ୍ସା ସେବା ଯୋଗାଉଛି।

**–ଡ. ପ୍ରତାପ ଖମାରୀ, ପ୍ରାଣୀ ଚିକିତ୍ସକ ତଥା ଜିଲା ଆମ୍ବୁଲାନ୍ସ ଅଧିକାରୀ**



" ବୁଲା ଗୋରୁଙ୍କୁ କାଞ୍ଜିଆହୁଦା ବଦଳରେ ଗୋଶାଳାରେ ନେଇ ରଖାଯିବାର ବ୍ୟବସ୍ଥା କରାଯାଉଛି। ସେଥିପାଇଁ ବସନ୍ତପୁର ନିକଟରେ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଉଛି। ଖୁବ୍‌ଶୀଘ୍ର ବୁଲା ଗୋରୁଙ୍କୁ ନେଇ ସେଠାରେ ରଖାଯିବ। ଅନ୍ୟପକ୍ଷେ କୁକୁର ବନ୍ଧ୍ୟାକରଣ ଉପରେ କଟକଣା ରହିଥିବାରୁ ତାହା କରିବା ସମ୍ଭବ ହେଉନାହିଁ। ପୁଣି କୁକୁରଙ୍କୁ କେଉଁଠି ନେଇ ଛାଡିବା କି କେଉଁଠି ନେଇ ଏକାଠି ରଖିବା ସମ୍ଭବ ନୁହେଁ। ତେଣୁ ଆମେ ସରକାରୀ ନିର୍ଦ୍ଦେଶ ଅନୁସାରେ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରୁଛୁ।

**– ବେଦ ଭୂଷଣ, ଆୟୁକ୍ତ, ସମ୍ବଲପୁର ମହାନଗର ନିଗମ**

## ଇଣ୍ଡିଆନ ପବ୍ଲିକ ସ୍କୁଲରେ ବାର୍ଷିକ କ୍ରୀଡ଼ା

**ସମ୍ବଲପୁର,୧୬।୧୨(ବି.ଶଙ୍କର)–**

ସମ୍ବଲପୁର କ୍ଷେତରାଜପୁରସ୍ଥିତ ଇଣ୍ଡିଆନ ପବ୍ଲିକ ସ୍କୁଲର ପ୍ରି–ପ୍ରାଇମେରୀ ବିଭାଗର ବାର୍ଷିକ କ୍ରୀଡ଼ା ଶନିବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଅଧ୍ୟକ୍ଷ ସଚିନ ପାଠକଙ୍କ ତତ୍ତ୍ୱାବଧାନରେ ପ୍ରତିଯୋଗିତା ହୋଇଥିଲା। ଏକ ସୁସ୍ଥ ମନ ଓ ସୁସ୍ଥ ଶରୀର ପାଇଁ କ୍ରୀଡ଼ାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ଅଧ୍ୟକ୍ଷ ତାଙ୍କ ଭାଷଣରେ କହିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ପୂଜା ସିଂ ଓ ରଶ୍ମିରେଖା ପଣ୍ଡାଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟ ଅତିଥି ସୌଗତା ଷଡ଼ଙ୍ଗୀ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପ୍ରି–ପ୍ରାଇମେରୀ ବିଭାଗର କୁନି ଛାତ୍ରୀଛାତ୍ର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ସେହିପରି ଛାତ୍ରୀଛାତ୍ରଙ୍କ ଅଭିଭବକମାନେ ମଧ୍ୟ ରିଲେ ରେସ ଭଳି ପ୍ରତିଯୋଗିତାରେ ଅଂଶ ଗ୍ରହଣ କରି କାର୍ଯ୍ୟକ୍ରମକୁ ଉପଭୋଗ କରିଥିଲେ। ଶିକ୍ଷୟିତ୍ରୀ ଧରିତ୍ରୀ ଶତପଥୀ, କାଜଲ ସିଂ, ସୁମନ ସିଂ, ଆକାଂକ୍ଷା ଦ୍ୱିବେଦୀ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ କୃତୀ ଛାତୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ କମିଟିର ସ୍ମାରକପତ୍ର




ଆର୍‌ଡିସିଙ୍କ କାର୍ଯ୍ୟାଳୟକୁ ଆସିଥିବା ଲୋକ ମହୋତ୍ସବ କମିଟି କର୍ମକର୍ତ୍ତା।

**ସମ୍ବଲପୁର,୧୬।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଲୋକ ମହୋତ୍ସବକୁ ଜାତୀୟ ମାନ୍ୟତା ଦାବିରେ ଶନିବାର ଲୋକ ମହୋତ୍ସବ କମିଟି ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସମ୍ବଲପୁରଠାରେ ଅବସ୍ଥାପିତ ଉତ୍ତରାଞ୍ଚଳ ରାଜସ୍ୱ କମିଶନଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏଥିରେ ଦର୍ଶାଯାଇଛି, ୧୯୯୭ରେ ସମ୍ବଲପୁରଠାରେ ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ସହଯୋଗରେ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ପ୍ରଥମଥର ପାଇଁ ଲୋକନୃତ୍ୟ ଓ ସଙ୍ଗୀତ ମହୋତ୍ସବ ଆରମ୍ଭ ହୋଇଥିଲା। ପରବର୍ତ୍ତୀ କାଳରେ ଏହା ସମ୍ବଲପୁର ଲୋକ ମହୋତ୍ସବ ନାମରେ ନାମିତ ହୋଇଛି। ଆଗାମୀ ୨୦୨୪ରେ ଏହା ୨୫ବର୍ଷ ପୂରଣ କରୁଛି। ଏଥିରେ ଆଧୁନିକ ବାଦ୍ୟଯନ୍ତ୍ର ବଦଳରେ କେବଳ ଲୋକବାଦ୍ୟ ବ୍ୟବହୃତ ହୋଇଥାଏ। ଏହା ଲୋକକଳା ସଂସ୍କୃତି ଓ ପରମ୍ପରା ସମ୍ବଳିତ ମହୋତ୍ସବ ହେଉଥିବାରୁ ଏହାକୁ ଜାତୀୟ ମାନ୍ୟତା ପାଇଁ ଦାବି କରାଯାଇଛି। ଏହା ଦ୍ୱାରା ରାଜ୍ୟର ବିଲୁପ୍ତପ୍ରାୟ ଲୋକକଳାର

### ସମ୍ବଲପୁର ଲୋକ ମହୋତ୍ସବକୁ ଜାତୀୟ ମାନ୍ୟତା ଦାବି

ପୁନରୁଦ୍ଧାର ହୋଇ ପାରିବ ତା'ନୁହେଁ, ବରଂ କଳାକାରଙ୍କ ଆର୍ଥିକ ବିକାଶରେ ସହାୟକ ହୋଇପାରିବ। ଏହାକୁ ରାଜ୍ୟ ପର୍ଯ୍ୟଟନ କ୍ୟାଲେଣ୍ଡରରେ ମଧ୍ୟ ସ୍ଥାନ ଦେବାକୁ ଦାବି କରାଯାଇଛି। ସର୍ବପ୍ରଥମ ଲୋକ ମହୋତ୍ସବର ମୁଖ୍ୟ ସଂଯୋଜକ ଡ. ଦ୍ୱାରିକା ନାଥ ନାୟକ, ୨୦୨୨ର ମୁଖ୍ୟ ସଂଯୋଜକ ରଞ୍ଜନ ସାହୁଙ୍କ ସମେତ ବରିଷ୍ଠ କଳାକାର ତଥା ୨୦୨୪ ଲୋକ ମହୋତ୍ସବର ସଂଯୋଜକ ଭୋଲା ମହନ୍ତ, ସହ ସଂଯୋଜକ ଅନୁପ ତରିଆ ଓ ବିଭିନ୍ନ ଉପ କମିଟିର ଆବାହକମାନେ ଦାବିପତ୍ର ପ୍ରଦାନ ବେଳେ ଉପସ୍ଥିତ ଥିଲେ। ଆର୍‌ଡିସିଙ୍କ ଅନୁପସ୍ଥିତିରେ ତାଙ୍କ ସଚିବ ସୁକାନ୍ତ ତ୍ରିପାଠୀ ଦାବିପତ୍ର ଗ୍ରହଣ କରିଥିଲେ।

# ଚିତ୍ରକଳା ପ୍ରଦର୍ଶନୀ 'ସିମ୍ଫନି ଅଫ୍ କଲର୍ସ' ଉଦ୍‌ଘାଟିତ



ଆର୍ଟ ଗ୍ୟାଲେରିରେ ଏକକ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ କରାଯାଉଛି।

**ସମ୍ବଲପୁର,୧୬।୧୨(ପ୍ରମୋଦ ବହିଦାର)**

ସମ୍ବଲପୁର ଗୌରୀଶଙ୍କର ସାହାଣୀ ପାର୍କରେ ଚିତ୍ରକଳା ପ୍ରଦର୍ଶନୀ 'ସିମ୍ଫନି ଅଫ କଲର୍ସ' ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ କଳା ଶିକ୍ଷକ ବୃନ୍ଦାବନ ମହାରଣାଙ୍କ ଏକକ କଳାକୃତୀ ପ୍ରଦର୍ଶିତ ହୋଇଛି। ସମ୍ବଲପୁର ମହାନଗର ନିଗମ କମିଶନର ବେଦଭୂଷଣ ମୁଖ୍ୟଅତିଥି ଓ ସମ୍ବଲପୁର ଆଇଆଇଏମ୍‌ର ନିର୍ଦ୍ଦେଶକ ମହାଦେଓ ଜୟସ୍ୱାଲ ଯଥାକ୍ରମେ ମୁଖ୍ୟଅତିଥି ଓ ସମ୍ମାନିତ ଅତିଥିଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଗୌରୀଶଙ୍କର ପାର୍କସ୍ଥିତ ଲଳିତକଳା ଏକାଡେମୀ ଆଞ୍ଚଳିତ ଆର୍ଟ ଗ୍ୟାଲେରିରେ ଅନୁଷ୍ଠିତ ଚିତ୍ରକଳା ପ୍ରଦର୍ଶନୀ ଉଦ୍‌ଘାଟନ

### ବୃନ୍ଦାବନ ମହାରଣାଙ୍କ ଏକକ କଳାକୃତି ପ୍ରଦର୍ଶିତ

କରିଥିଲେ। ପ୍ରଦର୍ଶନୀରେ ବୃନ୍ଦାବନଙ୍କ ୧୦୦ରୁ ଅଧିକ ପୁରାତନ ଓ ନୂତନ କଳାକୃତୀ ପ୍ରଦର୍ଶିତ ହୋଇଛି। ଏହି ପ୍ରଦର୍ଶନୀ ଆସନ୍ତା ୨୧ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଦର୍ଶକଙ୍କ ପାଇଁ ଖୋଲା ରହିବ। ତରୁଣ ଚିତ୍ରଶିଳ୍ପୀ ଜ୍ୟୋତିର୍ଯ୍ୟାଦିତ୍ୟ ମହାନ୍ତି ଓ ସାଂସ୍କୃତିକା ପୁରୋହିତ ସଂଯୋଜନା କରିଥିବାବେଳେ ମହାନଗର ନିଗମ ଅତିରିକ୍ତ କମିଶନର ଶଙ୍କର ପ୍ରସାଦ ସାହୁ, ଚିତ୍ରଶିଳ୍ପୀ ଭୋଳାନାଥ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଯାପିତ

**ନାକଟିଦେଉଳ,୧୬।୧୨(ବୈକୁଣ୍ଠ ନାଥ ସାହୁ)**

ନାକଟିଦେଉଳ ବ୍ଲକ ସଦରଠାରେ ଯୁବ ଓଡ଼ିଶା, ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ଚାଲିଥିବା ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଶନିବାର ଉଦ୍‌ଯାପିତ ହୋଇଯାଇଛି। କବାଡ଼ି, କ୍ରିକେଟ, ଫୁଟବଲ, ହକି, ଭଲିବଲ ଓ ଖୋଖୋ ଆଦି ପ୍ରତିଯୋଗିତାରେ ବିଭିନ୍ନ ପଞ୍ଚାୟତର ଖେଳାଳି ଅଂଶଗ୍ରହଣ କରିଥିଲେ। ଫୁଟ୍‌ବଲରେ ଡ଼ଇଁଚା, ହକିରେ ପାଣିମୁରା, ଭଲିବଲରେ ସାହେବୀ, ଖୋଖୋରେ କିସିଣ୍ଡା, କ୍ରିକେଟରେ ବାଟଗାଁ ଓ କବାଡ଼ିରେ ସରାପାଲି ଚାମ୍ପିୟନ ହୋଇଥିଲା। ପ୍ରିତିଯୋଗିତାକୁ ନାକଟିଦେଉଳ ଉଚ୍ଚମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର କୁମାର ପ୍ରଧାନ, ଗିରିଶ୍ଚନ୍ଦ୍ରପୁର ସରକାରୀ ଉଚ୍ଚବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ପ୍ରକାଶ ଚନ୍ଦ୍ର ପଣ୍ଡା, ସରାପାଲି ଉଚ୍ଚବିଦ୍ୟାଳୟର ରଞ୍ଜନ କୁମାର ସ୍ୱାଇଁଙ୍କ ସମେତ ଅନ୍ୟ ହାଇସ୍କୁଲର କ୍ରୀଡ଼ା ଶିକ୍ଷକ ପରିଚାଳନା କରିଥିଲେ। ଏବିଡିଓ ବିଦ୍ୟାଧର ରାଉତରାୟଙ୍କ ସଭାପତିତ୍ୱରେ ଆୟୋଜିତ ପୁରସ୍କାର ବିତରଣୀ ସମାରୋହରେ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ ମୁଖ୍ୟଅତିଥି, ନାକଟିଦେଉଳ ତହସିଲଦାର ଅମର ଡୁଙ୍ଗଡୁଙ୍ଗ, ସମ୍ବଲପୁର ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ପ୍ରମୋଦ କୁମାର ପ୍ରଧାନ, ବ୍ଲକ ଯୋଗାଣ ନିରୀକ୍ଷକ ତନୁରଞ୍ଜନ ସିଂ, ନାକଟିଦେଉଳ ସରପଞ୍ଚ ଜିତେନ୍ଦ୍ର କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଦେଇ ପୁରସ୍କୃତ କରିଥିଲେ।

# ବାଲ୍ୟବିବାହ ସମସ୍ୟା ଉପରେ ଆଲୋଚନାଚକ୍ର

**ସମ୍ବଲପୁର,୧୬।୧୨(ବି.ଶଙ୍କର)**

ଯୁଯୁମୁରା ବ୍ଲକ ମହୁଲପାଲି ପାର୍ବତୀଗିରି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନୂଆ–ଓ ଯୁବ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମରେ ବାଲ୍ୟ ବିବାହ ସମସ୍ୟା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାନୁଷ୍ଠାନର ଅଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟବକ୍ତା ଭାବରେ ଜିଲା ଶିଶୁ କଲ୍ୟାଣ ସମିତିର ପୂର୍ବତନ ସଦସ୍ୟ ତଥା ଆଇନଜୀବୀ ସୂର୍ଯ୍ୟ ପାଣିଗ୍ରାହୀ ଯୋଗଦେଇ କହିଥିଲେ, ସମାଜରେ ପ୍ରଚଳିତ ଯୌତୁକ ପ୍ରଥା ଯୋଗୁ ପରିବାର ଭିତରେ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି। ସାମାଜିକ ଚଳଣିରେ ମଧ୍ୟ ଏହାର କୁପରିଣତି ଦେଖାଯାଉଛି। କଠୋର ଆଇନ ବ୍ୟବସ୍ଥା ଓ ଶିକ୍ଷାର ପ୍ରଭାବ ଯୋଗୁ ସମାଜରେ ବାଲ୍ୟ ବିବାହ ସମସ୍ୟା କମିବାରେ ଲାଗିଛି । ଲୋକଙ୍କ ନିକଟରେ ବାଲ୍ୟ ବିବାହ ନିରୋଧ ଆଇନ ସମ୍ପର୍କରେ ସଚେତନତାର ବାର୍ତ୍ତା ପହଞ୍ଚାଇବା ଉଚିତ ବୋଲି ସେ କହିଥିଲେ। ଏହି ଅବସରରେ ଅଧାପକ ସୁନୀଲ କୁମାର ସାହୁଙ୍କ ନେତୃତ୍ୱରେ ଛାତ୍ରୀଛାତ୍ର ସଚେତନତା ପଦଯାତ୍ରାରେ ଅଞ୍ଚଳ ପରିକ୍ରମା କରିଥିଲେ। ଅଧାପକ ଡ. ଗୋବିନ୍ଦ ମହାରଣା ପ୍ରାରମ୍ଭିକ ସୂଚନା ଓ ଅଧାପକ ଅଶୋକ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।



ସଚେତନତା ଶୋଭାଯାତ୍ରାରେ ଅତିଥିଙ୍କ ସହ ଛାତ୍ରୀଛାତ୍ର।

## ଏକଦିବସୀୟ ଗ୍ରାମାଞ୍ଚଳ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ପଡିଆବାହାଲ, ୧୬।୧୨(ରାଧାମୋହନ ଷଡ଼ଙ୍ଗୀ):** ଯୁଯୁମୁରା ବ୍ଲକ ଲାଲମୁନିଠାରେ ଶନିବାର ଏକ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୮ ଦଳ ଭାଗ ନେଇଥିଲେ। କେନଟିକିରା ଓ ବୁରୋମାଲ ମଧ୍ୟରେ ଫାଇନାଲ ଫାଇନାଲ ମ୍ୟାଚ ହୋଇଥିବାବେଳେ ବୁରୋମାଲ ଦଳ ବିଜୟୀ ହୋଇ ପୁରସ୍କୃତ ହୋଇଥିଲା। ଦେବ ସିନ୍ଦିଆ, ଜିତେନ୍ଦ୍ର ଷଣ୍ଢ ମ୍ୟାଚ ପରିଚାଳନା କରିଥିଲେ। ଏ ଅବସରରେ ଅନୁଷ୍ଠିତ ସଭାରେ ବାହାମ ପଞ୍ଚାୟତ ସମିତି ସଭ୍ୟ ପ୍ରଫୁଲ୍ଲ ମଗର, ଦେବାନନ୍ଦ ଭୁସାଗର, ଟିଙ୍କି ପଧାନ ନିମନ୍ତ୍ରିତ ଅତିଥି ଭାବରେ ଯୋଗଦେଇ ବିଜେତା ଦଳକୁ ପୁରସ୍କୃତ କରିଥିଲେ।

## ୨୦ରେ ସର୍ବଭାରତୀୟ ସ୍ତରରେ ଧର୍ମଘଟ

**ସମ୍ବଲପୁର,୧୬।୧୨(ପ୍ରମୋଦ ବହିଦାର)**

କେନ୍ଦ୍ର ସରକାରଙ୍କ ସେଲ୍ସ ରିପ୍ରେଜେଣ୍ଟେଟିଭ୍‌ଙ୍କ ସାମାଜିକ ସୁରକ୍ଷା ସମ୍ବଳିତ ୮ ଦଫା ଦାବିରେ ଆସନ୍ତା ୨୦ ତାରିଖରେ ସର୍ବ ଭାରତୀୟ ସ୍ତରରେ ଫେଡେରେଶନ ଅଫ୍ ମେଡିକାଲ ଓ ସେଲ୍ସ ରିପ୍ରେଜେଣ୍ଟେଟିଭ (ଏଫଏମ୍‌ଆର୍‌ଏଆଇ) ପକ୍ଷରୁ ଧର୍ମଘଟ କରାଯିବ। ଏହାକୁ ସମର୍ଥନ ଜଣାଇ ଓଡ଼ିଶା ସେଲ୍ସ ରିପ୍ରେଜେଣ୍ଟିଟିଭ ୟୁନିୟନ (ଓସ୍ରୁ) ପକ୍ଷରୁ ରାଜ୍ୟର ପ୍ରତ୍ୟେକ ଜିଲାରେ ଆନ୍ଦୋଳନ କରାଯିବ ବୋଲି ଓସ୍ରୁ ପକ୍ଷରୁ ସୂଚନା ଦିଆଯାଇଛି। ଓସ୍ରୁ ସମ୍ବଲପୁର ଶାଖା ସମ୍ପାଦକ ସତ୍ୟଜିତ ମହାନ୍ତି ଏକ ପ୍ରେସ୍ ବିଜ୍ଞପ୍ତିରେ ଜଣାଇଛନ୍ତି, କେନ୍ଦ୍ର ସରକାରଙ୍କ 'ସେଲ୍ସ ପ୍ରମୋସନ ଏମ୍ପ୍ଲଇଜ୍ ଆକ୍ଟ' ଉଚ୍ଛେଦ ନିଷ୍ପତ୍ତିର ପ୍ରତିବାଦରେ ଏଫଏମ୍‌ଆର୍‌ଏଆଇ ପକ୍ଷରୁ ଧର୍ମଘଟର ଡାକରା ଦିଆଯାଇଛି। ଏଥିରେ ସମସ୍ତ ଜିଲାସ୍ତରୀୟ ସଂଗଠନ ସାମିଲ ହେବ ବୋଲି ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ସୂଚନା ଦିଆଯାଇଛି। ଉକ୍ତ ଆଇନ୍ ଉଚ୍ଛେଦ ଦ୍ୱାରା ସମସ୍ତ ସେଲ୍ସ ରିପ୍ରେଜେଣ୍ଟେଟିଭଙ୍କ ଜୀବିକା ପ୍ରଭାବିତ ହେବ। ତେଣୁ ଏହାକୁ ଉଚ୍ଛେଦ ପରିବର୍ତ୍ତେ ବିଧିବଦ୍ଧ ଭାବେ ପେଶାଦାର କାର୍ଯ୍ୟ ସମ୍ବନ୍ଧୀୟ ନିର୍ଦ୍ଦିଷ୍ଟ ନିୟମାବଳୀ ଲାଗୁ କରିବା ସହ କାର୍ଯ୍ୟକ୍ଷେତ୍ରରେ କାର୍ଯ୍ୟରତ ସେଲ୍ସ ରିପ୍ରେଜେଣ୍ଟିଟିଭ ମାନଙ୍କ ପାଇଁ ସରକାରୀ ଡାକ୍ତରଖାନା ଓ ମେଡିକାଲ କଲେଜ ଆଦିରେ କଟକଣାକୁ ବାତିଲ କରିବା ନେଇ ସଂଗଠନ ପକ୍ଷରୁ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରତ୍ୟେକ ଜିଲାମୁଖ୍ୟଙ୍କୁ ଦାବିପତ୍ର ପ୍ରଦାନ କରାଯିବାକୁ ନିଷ୍ପତ୍ତି ହୋଇଛି। ଦାବିପତ୍ରରେ ଜନସାଧାରଣ ସ୍ୱାର୍ଥ ଦୃଷ୍ଟିରୁ କଠୋର ନିୟମ ପ୍ରଣୟନ ଦ୍ୱାରା ସମସ୍ତ ଔଷଧ ଓ ଡାକ୍ତରୀ ଉପକରଣର ବିକ୍ରୟ ମୂଲ୍ୟକୁ ନିୟନ୍ତ୍ରଣ କରିବା, ସମସ୍ତ ଔଷଧ ତଥା ଡାକ୍ତରୀ ଉପକରଣ ଉପରୁ ଜିଏସଟି ଉଚ୍ଛେଦ ଆଦି ଅନ୍ତର୍ଭୁକ୍ତ ରହିଛି।

# ଯେଉଁ ଦଳ ସଂରକ୍ଷଣ ଦେବ ତାକୁ ସମର୍ଥନ

### ସମ୍ବଲପୁରରେ ଓବିସି ଜନଜାଗରଣ ରଥକୁ ସ୍ୱାଗତ

**ସମ୍ବଲପୁର/ଜମନକିରା,୧୬।୧୨ (ଭବାନୀ ଶଙ୍କର ଭୋଇ/ରବୀନ୍ଦ୍ର ଦାନି)**

ପଛୁଆ ବର୍ଗ (ଓବିସି)ଙ୍କ ସାମ୍ବିଧାନିକ ଅଧିକାର ନେଇ ବ୍ରଜରାଜନଗର ରାମଚଣ୍ଡୀ ମନ୍ଦିର ପରିସରରୁ ନଭେମ୍ବର ୨୬ରୁ ବାହାରିଥିବା ଜନ ଜାଗରଣ ରଥ ଶନିବାର ସମ୍ବଲପୁରରେ ପହଞ୍ଚିବା ପରେ ଓବିସି ମଞ୍ଚର ସମ୍ବଲପୁର ଜିଲା ଶାଖା ପକ୍ଷରୁ ସ୍ୱାଗତ କରାଯାଇଥିଲା। ଶିକ୍ଷା, ଚାକିରି, ରାଜନୀତି କ୍ଷେତ୍ରରେ ଓବିସିମାନଙ୍କୁ ୫୨ ପ୍ରତିଶତ ଆରକ୍ଷଣ ଦିଆଯିବା ଦାବି ସମ୍ପର୍କରେ ସଚେତନତା ସୃଷ୍ଟି କରିବା ଲକ୍ଷ୍ୟରେ ଏହି ରଥ ବିଭିନ୍ନ ସ୍ଥାନ ଭ୍ରମଣ କରୁଛି। ଅଇଁଠାପାଲିଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ଓବିସି ମଞ୍ଚର ରାଜ୍ୟ ସଭାପତି ଶଙ୍କର ପାତ୍ର ଉଦ୍‌ବୋଧନ ଦେଇ ଓବିସିଙ୍କ ଅଧିକାର ପ୍ରତି ସରକାର ସଚେତନ ନ ଥିବାରୁ ଜନ ଅସନ୍ତୋଷ ବ୍ୟାପକ ହେଉଛି ବୋଲି ବକ୍ତବ୍ୟ ଦେଇଥିଲେ। ଆଗାମୀ ନିର୍ବାଚନରେ ଯେଉଁ ଦଳ ଓବିସିଙ୍କୁ ଅଗ୍ରାଧିକାର ଦେବ ତାକୁ ଓବିସି ସମର୍ଥନ କରିବ ବୋଲି କହିଥିଲେ।



:ସମ୍ବଲପୁରରେ ଓବିସି ଜନଜାଗରଣ ରଥକୁ ସ୍ୱାଗତ କରାଯାଉଛି।

ଅପରାହ୍ନରେ ଏହି ରଥ ସମ୍ବଲପୁର ଜିଲାରେ ପ୍ରବେଶ କରିବା ପରେ ଗୋଶାଳାରେ ଓବିସି କର୍ମୀ ତଥା ନାରୀନେତ୍ରୀ, କଳାମାଟି ସରପଞ୍ଚ ଡ଼. ସୁଷମା ସାହୁଙ୍କ ପକ୍ଷରୁ ଭବ୍ୟ ସ୍ୱାଗତ କରାଯାଇଥିଲା। ରଥକୁ କର୍ମୀମାନେ ଏକ ମୋଟରସାଇକେଲ ଶୋଭାଯାତ୍ରାରେ ନେଲସନ ମଣ୍ଡେଲା ଛକ ପର୍ଯ୍ୟନ୍ତ ନେଇଥିଲେ। ସେଠାରୁ ରଥ ମ୍ୟୁନିସିପାଲିଟି ଛକ, ଗୋଲ ବଜାର ଛକ, ଲକ୍ଷ୍ମୀ ଟକିଜ ଛକ, ଜିଏମ୍ କଲେଜ ଛକ, ଶାନ୍ତି ନଗର ଛକ, ବୁଢ଼ାରଜା, ଅଇଁଠାପାଲି ଛକ ପର୍ଯ୍ୟନ୍ତ ଯାଇଥିଲା। ବାରିକ ସମାଜ, ଯାଦବ ସମାଜ, ମେହେର (ଭୁଲିଆ) ସମାଜ, ଅଘରିଆ ସମାଜ, ଜିଲା ବିଶ୍ୱକର୍ମା ସମିତି, ଡୁମାଲ ସମାଜ, ତେଲି ସମାଜ, ଚଷା ସମାଜ ଆଦି ପ୍ରାୟ ୨୮ ଅନ୍ୟାନ୍ୟ ପଛୁଆବର୍ଗର ଜାତି ସମାଜ ପକ୍ଷରୁ ବିଭିନ୍ନ ଛକରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାଜପା ପକ୍ଷରୁ ଜିଲା ସଭାପତି ଗିରିଶ ପଟେଲ, ବିଜେଡି ପକ୍ଷରୁ ପ୍ରଦ୍ୟୋଷ ମହାନ୍ତି, ସମାଜବାଦୀ ପାର୍ଟି ପକ୍ଷରୁ ଅନିଲ ଯାଦବ ସ୍ୱାଗତ କରିଥିଲେ। ମଞ୍ଚର ଜିଲା ଆବାହକ ସରୋଜ ସାହୁଙ୍କ ପରିଚାଳନା ତଥା କୁଲତା ସମାଜ ସଭାପତି ଯଶୋବନ୍ତି ନାୟକଙ୍କ ସଭାପତିତ୍ୱରେ ଅଇଁଠାପାଲିଠାରେ ଅନୁଷ୍ଠିତ ପଥପ୍ରାନ୍ତ ସଭାରେ ମଞ୍ଚର ସାଧାରଣ ସମ୍ପାଦକ ସୁବାସ ଚନ୍ଦ୍ର ନାୟକ ଏହି ଯାତ୍ରାର ଆଭିମୁଖ୍ୟ ସମ୍ପର୍କରେ ସୂଚନା ଦେଇଥିଲେ। ସଭାରେ କୋଷାଧ୍ୟକ୍ଷ ପରଦେଶୀ ବିଶ୍ୱାଳ, ପ୍ରବକ୍ତା ବିରଞ୍ଚି ସାହୁ, ଅନ୍ନପୂର୍ଣ୍ଣା ବାରିକ, ସୁରେନ୍ଦ୍ର ବିଶ୍ୱାଳ, ସୁଧାଂଶୁ ଶେଖର ମହାରଣା, ହୀରାଲାଲ ବେହେରା ପ୍ରମୁଖ ବକ୍ତବ୍ୟ ରଖିଥିଲେ। ବରଗଡରୁ ସମ୍ବଲପୁର ଆସିବା ବାଟରେ ଗୋଡ଼ଭଗା ସମଲେଇ ମନ୍ଦିର ପ୍ରାଙ୍ଗଣରେ ଓବିସି ଜନଜାଗରଣ ରଥକୁ ବୈଷ୍ଣବ ଚରଣ ତ୍ୟାଗୀଙ୍କ ନେତୃତ୍ୱରେ ସ୍ୱାଗତ କରାଯାଇଥିଲା। ଅତାବିରାରେ ଭୋଳାନାଥ ପଧାନ, ପଦମପୁରରେ ଉମେଶ ଚନ୍ଦ୍ର ସାହୁ ଓ ବରଗଡ଼ରେ ସରୋଜ ନାଏକଙ୍କ ନେତୃତ୍ୱରେ ରଥକୁ ସ୍ୱାଗତ କରାଯାଇଥିଲା।

